

# ପ୍ରଶିକ୍ଷଣ ପେଟିକା

(ପ୍ରାକ୍-ବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ଅଭିଭାବକଙ୍କ ନିମନ୍ତେ)



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ
ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର



# ପ୍ରଶିକ୍ଷଣ ପେଟିକା

## (ପ୍ରାକ୍-ବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ଅଭିଭାବକଙ୍କ ନିମନ୍ତେ)

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ
ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

# ମୁଖବନ୍ଧ

ଶିଶୁର ମସ୍ତିଷ୍କର ୮୫%ରୁ ଅଧିକ ବିକାଶ ୬ ବର୍ଷ ବୟସ ପୂର୍ବରୁ ହୋଇଥାଏ । ସୁସ୍ଥ ମସ୍ତିଷ୍କର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାପାଇଁ ପ୍ରାରମ୍ଭିକ ବର୍ଷମାନଙ୍କରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ନେବା ଅତ୍ୟନ୍ତ ଜରୁରୀ ଅଟେ । ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କର ଏହି ବିକାଶକୁ ନିଶ୍ଚିତ କରିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଥାଏ । ସେଥିପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ରେ ଆଦ୍ୟଶୈଶବ ଶିକ୍ଷା (ପ୍ରାକ୍-ବିଦ୍ୟାଳୟ ଶିକ୍ଷା)କୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଏହି ଶିକ୍ଷାନୀତିର ଏକ ମୂଳ ଲକ୍ଷ୍ୟ ହେଉଛି ସମଗ୍ର ଦେଶରେ ଉଚ୍ଚ ଗୁଣାତ୍ମକ ମାନର ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାକୁ ସାର୍ବଜନୀନ କରିବା । ଏହି ଶିକ୍ଷାନୀତି ଅନୁଯାୟୀ ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ବିଦ୍ୟାଳୟ ଶିକ୍ଷାର ଅନ୍ତର୍ଭୁକ୍ତ କରାଯାଇଛି । ପ୍ରାକ୍ ବିଦ୍ୟାଳୟର ତିନି ବର୍ଷପ୍ରାକ୍ ବିଦ୍ୟାଳୟ-୧, ପ୍ରାକ୍ ବିଦ୍ୟାଳୟ-୨ ଓ ପ୍ରାକ୍ ବିଦ୍ୟାଳୟ-୩ ଯଥାକ୍ରମେ ୩+, ୪+ ଓ ୫+ ବର୍ଷ ବୟସର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ।

ପ୍ରାକ୍ ବିଦ୍ୟାଳୟକୁ ଆସୁଥିବା ସମସ୍ତ ଶିଶୁମାନଙ୍କର ଉପଯୁକ୍ତ ସାମଗ୍ରିକ ବିକାଶ ନିମନ୍ତେ ଅଙ୍ଗନୱାଡ଼ି କର୍ମୀ ତଥା ଅଭିଭାବକମାନଙ୍କର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଅଙ୍ଗନୱାଡ଼ି କର୍ମୀମାନଙ୍କର ଦକ୍ଷତାର ବିକାଶ ପାଇଁ ବିଭିନ୍ନ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଉଛି । ଅଭିଭାବକମାନଙ୍କୁ ଏହି ବିଷୟରେ ସଚେତନ କରିବା ପାଇଁ ଏକ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଯୋଜନା କରାଯାଇଛି । ଏଥିପାଇଁ ପିତାମାତା/ଅଭିଭାବକମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ପେଟିକା ପ୍ରସ୍ତୁତ କରାଯାଇଛି ।

**ଏହି ପ୍ରଶିକ୍ଷଣ ପେଟିକାର ଉଦ୍ଦେଶ୍ୟ ହେଉଛି....**

(କ) ଆଦ୍ୟ ଶୈଶବ/ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱ ବିଷୟରେ ପିତାମାତା/ଅଭିଭାବକମାନଙ୍କୁ ସଚେତନ କରିବା ।

(ଖ) ପିତାମାତା/ଅଭିଭାବକମାନଙ୍କୁ ଅଙ୍ଗନୱାଡ଼ି ରେ କରାଯାଉଥିବା କାର୍ଯ୍ୟ ବିଷୟରେ ଅବଗତ କରାଇ ଏହି ପ୍ରକାରର ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ସେମାନଙ୍କର ଏକ ସକାରାତ୍ମକ ମନୋବୃତ୍ତି ସୃଷ୍ଟି କରିବା ।

(ଗ) ଶିଶୁମାନଙ୍କର ସାମଗ୍ରିକ ବିକାଶ ପାଇଁ ନିଜର ଭୂମିକା ବିଷୟରେ ସେମାନଙ୍କୁ ଅବଗତ କରିବା ।

ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ପେଟିକାଟି ଆଞ୍ଚଳିକ ଭାଷାରେ ଅନୁବାଦ କରାଯିବ ଓ ଜିଲ୍ଲା ସାଧନଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହି ପ୍ରଶିକ୍ଷଣ ପେଟିକାକୁ ବ୍ୟବହାର କରି ଜିଲ୍ଲା ସାଧନଗୋଷ୍ଠୀ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରତ୍ୟେକ ଶିଶୁମାନଙ୍କ ପିତାମାତା/ଅଭିଭାବକମାନଙ୍କୁ ପ୍ରଶିକ୍ଷଣ ଦେବେ ।

ଆଶା କରାଯାଏ, ଏହି ପ୍ରଶିକ୍ଷଣ ପେଟିକା ସମସ୍ତ ସାଧନ କର୍ମୀଙ୍କୁ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରିବ ତଥା ପ୍ରଶିକ୍ଷଣ ପେଟିକାର ଉଦ୍ଦେଶ୍ୟ ହାସଲ ହେବାରେ ସହାୟକ ହେବ ।

# ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଯୋଜନା

| ଦିବସ / ଅଧିବେଶନ | ପ୍ରଥମ ଅଧିବେଶନ 10.30-11.45 | ଦ୍ୱିତୀୟ ଅଧିବେଶନ 11.45-1 P.M. | 1-2 PM | ତୃତୀୟ ଅଧିବେଶନ 2 PM - 3.15 | ଚତୁର୍ଥ ଅଧିବେଶନ 3.15-4.30 |
|---|---|---|---|---|---|
| ପ୍ରଥମ | ଉଦ୍ଦେଶ୍ୟ ଜ୍ଞାପନ ପରିଚୟ ପ୍ରଦାନ ଅନୁଭୂତି ବିନିମୟ | ଆଦ୍ୟଶୈଶବ ଶିକ୍ଷା କାର୍ଯ୍ୟକ୍ରମର ଗୁରୁତ୍ୱ | ମଧ୍ୟାହ୍ନ | ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟାବଳୀ | ଶିଶୁର ସାମଗ୍ରିକ ବିକାଶ |
| ଦ୍ୱିତୀୟ | ବିକାଶାତ୍ମକ ଲକ୍ଷ୍ୟ ଆଧାରିତ କାର୍ଯ୍ୟ | ଅଂଶଗ୍ରହଣକାରୀଙ୍କ ଦ୍ୱାରା ଦଳଗତ କାର୍ଯ୍ୟ ଉପସ୍ଥାପନା | ଭୋଜନ | ଶିଶୁ ପ୍ରଗତିର ମାନ ନିର୍ଦ୍ଧାରଣ | ଅଭିଭାବକଙ୍କ ମତାମତ |

## ପ୍ରଥମ ଅଧିବେଶନ

# ଅନୁଭୂତି ବିନିମୟ ଓ ପ୍ରଶିକ୍ଷଣରୁ ପ୍ରତ୍ୟାଶା

ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣକାରୀମାନଙ୍କର ପୂର୍ବ ଅନୁଭୂତି, ପ୍ରଶିକ୍ଷଣର ସଫଳତା ଆଣିଥାଏ । ପ୍ରଶିକ୍ଷଣ ଶିବିରର ସୁପରିଚାଳନା ପାଇଁ କିଛି ନୀତି ନିୟମର ମଧ ଆବଶ୍ୟକତା ରହିଛି । ଏହି ଅଧିବେଶନରେ ଅଂଶ ଗ୍ରହଣକାରୀମାନଙ୍କର ଅନୁଭୂତିକୁ ନେଇ ଆଲୋଚନା କରାଯିବ । ଉପସ୍ଥିତ ଅଂଶଗ୍ରହଣକାରୀମାନେ ପରସ୍ପର ସହିତ ଭାବବିନିମୟ କରିବା, ସାମୁହିକ କାର୍ଯ୍ୟରେ ସହଯୋଗ କରିବା, ନେତୃତ୍ୱ ନେବା, ନିଜର ଦାୟିତ୍ୱ ସମ୍ପାଦନ କରିବା ଓ ନିୟମ ମାନି ଶୃଙ୍ଖଳିତ ଢଙ୍ଗରେ କାର୍ଯ୍ୟକରିବା ଇତ୍ୟାଦିର ଉପଯୋଗୀତାକୁ ଉପଲବ୍ଧି କରିବେ ।

**ପ୍ରତ୍ୟାଶିତ ଫଳାଫଳ**

**ଅଂଶଗ୍ରହଣକାରୀମାନେ-**

- ପରସ୍ପର ସହ ପରିଚିତ ହେବେ ।
- ଅଙ୍ଗନୱାଡ଼ି ଆଧାରିତ ନିଜ ଅନୁଭୂତି ବର୍ଣ୍ଣନା କରିବେ ।
- ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୁଝାଇବେ ।

**କାର୍ଯ୍ୟ -୧ : ସକ୍ରିୟାତ୍ମକ କାର୍ଯ୍ୟ - ଟିପ୍‌ଟିପ୍ ଖେଳ** (ସାଧନ କର୍ମୀଙ୍କ ସୂଚନା ଦେଖନ୍ତୁ)

**କାର୍ଯ୍ୟ-୨ : ଯୋଡ଼ି କାର୍ଯ୍ୟ**

ସାଧନକର୍ମୀଙ୍କ ସହାୟତାରେ ଅଂଶଗ୍ରହଣକାରୀମାନେ ଯୋଡ଼ି ଯୋଡ଼ି ହୋଇ ସାଥି ହେବେ । ପରସ୍ପର ସହ କଥାବାର୍ତ୍ତା ହେବେ, ଯେପରିକି ନିଜର ନାମ, ନିଜର କାମ, କ'ଣ ଭଲ ଲାଗେ ଓ କଣ ଭଲ ଲାଗେ ନାହିଁ ପିଲାଙ୍କ କଥା ଇତ୍ୟାଦି । (୫ ମିନିଟ୍)

- ପ୍ରତ୍ୟେକ ଅଂଶଗ୍ରହଣକାରୀ ନିଜର ସାଥି ବିଷୟରେ ସାଥୀଙ୍କ ନାମ, କାମ, ଭଲ ଲାଗେ, ଭଲ ଲାଗେ ନାହିଁ ଇତ୍ୟାଦି କହିବେ । (ଜଣେ ଅନ୍ୟର ପରିଚୟ ଦେବେ) ।
- ଅଙ୍ଗନବାଡ଼ିକୁ ଆସୁଥିବା ତାଙ୍କ ନିଜ ପିଲାର ନାମ କହିବେ ।

**ପ୍ରଶ୍ନ-**

୧. କେତେ ବର୍ଷ ହେଲା ଆପଣଙ୍କ ପିଲା ଏଠାକୁ ଆସୁଛି ?

୨. ଆଜିଯାଏ ପିଲାଟି କ'ଣ ସବୁ ଶିଖିଛି ?





୩.  ଆପଣଙ୍କ ପିଲାଙ୍କ ପାଖରେ କେଉଁ କେଉଁ ବିଶେଷ ଗୁଣ ଓ ଦକ୍ଷତା ଅଛି ?

୪.  ଆପଣ ଆପଣଙ୍କ ପିଲାକୁ କାହିଁକି ଅଙ୍ଗନବାଡ଼ି କେନ୍ଦ୍ରକୁ ପଠାଉଛନ୍ତି ?

୫.  ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଆପଣଙ୍କର ମତାମତ କ'ଣ ?

## କାର୍ଯ୍ୟ-୩ : ଖୋଲା ଆଲୋଚନା

ସାଧନକର୍ମୀ ନିମ୍ନ ପ୍ରଶ୍ନର ଆଲୋଚନା କରିବେ ।

**ପ୍ରଶ୍ନ-୧ :** ଆମର ପ୍ରଶିକ୍ଷଣ ଶିବିରକୁ ଆମେ ସମସ୍ତେ ମିଶି ଠିକ୍ ରୂପେ ପରିଚାଳନା କରିବା । ଏଥିପାଇଁ ଆପଣମାନଙ୍କର ସହଯୋଗ ଆବଶ୍ୟକ । ଏହାକୁ ଭଲ ଭାବରେ ପରିଚାଳନା କରିବାପାଇଁ ଆମେ ଅଧିବେଶନଗୁଡ଼ିକୁ କିପରି ଆରମ୍ଭ କରିବା ? କେଉଁ ପ୍ରକାରେ ଆମ ମଧ୍ୟରେ ସହଯୋଗ ରକ୍ଷା କରିପାରିବା ଓ ଆମର ପରିବେଶ କିପରି ହେବା ଉଚିତ ? ପ୍ରଶିକ୍ଷଣକୁ ସଫଳ କରିବା ପାଇଁ ଆମେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ।

**ପ୍ରଶ୍ନ-୨  ଏହି ଦୁଇ ଦିନିଆ ପ୍ରଶିକ୍ଷଣରେ ଆମେ କ'ଣ କ'ଣ ଆଲୋଚନା କରିବା ?**

**ଉ-** ୩ରୁ ୬ ବର୍ଷ ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଯେଉଁ ସବୁ କାର୍ଯ୍ୟ କରାଯାଉଛି ସେ ବିଷୟରେ ଆଲୋଚନା କରିବା । ଏ ଦିଗରେ ପିତାମାତାଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟଗୁଡ଼ିକୁ ଆଲୋଚନା କରିବା ।



# ସାଧନକର୍ମୀଙ୍କ ପାଇଁ ସୂଚନା

## ସକ୍ରିୟାତ୍ମକ କାର୍ଯ୍ୟ- ଟିପ୍ ଟିପ୍ ଖେଳ

ଅଂଶ ଗ୍ରହଣକାରୀମାନେ ଗୋଲାକାରରେ ଛିଡ଼ା ହେବେ । ରେଡି ୧ , ୨ , ୩ କହିଲେ, ଖେଳ ଆରମ୍ଭ କରିବେ ।

- ସାଧନକର୍ମୀ ପ୍ରଥମେ ଦୁଇ ହାତର ଆଙ୍ଗୁଳି ଟିପରେ ମୁଣ୍ଡ ଉପରେ ଆସ୍ତେ ଆସ୍ତେ ଟିପ୍ ଟିପ୍ କରିବେ । ଏହି କାର୍ଯ୍ୟ ଆଠ ଥର କରାଯିବ । ସମସ୍ତ ଅଂଶଗ୍ରହଣକାରୀ ସାଧନକର୍ମୀଙ୍କ ନିର୍ଦ୍ଦେଶ ଅନୁସାରେ କାମ କରିବେ ।
- ଦ୍ୱିତୀୟ ସୋପାନରେ କପାଳ ଉପରେ ଦୁଇ ହାତରେ ଆଙ୍ଗୁଳିରେ ଟିପ୍ ଟିପ୍ କରିବେ (ଆଠଥର)
- ତୃତୀୟ ସୋପାନରେ ସାଧନକର୍ମୀଙ୍କ ନିର୍ଦ୍ଦେଶରେ ଆଖି ତଳେ ୮ ଥର ଟିପ୍ ଟିପ୍ କରିବେ ।
- ଚତୁର୍ଥରେ ସୋପାନରେ ନାକ ତଳେ ୮ ଥର ଟିପ୍ ଟିପ୍ କରିବେ ।
- ପଞ୍ଚମ ସୋପାନରେ ଓଠ ତଳେ ୮ ଥର ସେହିପରି ଟିପ୍ ଟିପ୍ କରିବେ ।
- ଷଷ୍ଠ ସୋପାନରେ ଛାତିର ଦୁଇପଟେ ୮ ଥର ଟିପ୍ ଟିପ୍ କରିବେ ।
- ସପ୍ତମ ସୋପାନରେ ଛାତି ତଳେ ଦୁଇ ପାଖରେ ୮ ଥର ଟିପ୍ ଟିପ୍ କରିବେ ।
- ଅଷ୍ଟମ ସୋପାନରେ ନାହି ଚାରିପାଖରେ ପେଟ ଉପରେ ୮ ଥର ଟିପ୍ ଟିପ୍ କରିବେ ।

ଖେଳ ଶେଷ ପରେ ସାଧନର୍କମୀ ନିମ୍ନ ପ୍ରଶ୍ନଗୁଡ଼ିକର ଆଲୋଚନା କରିବେ ।

**ପ୍ରଶ୍ନ ୧ - ଖେଳଟି ଆପଣମାନଙ୍କୁ କିପରି ଲାଗିଲା ?**

**ପ୍ରଶ୍ନ ୨ - ଏପରି ଖେଳ କଲେ ଆମର କ'ଣ ଉପକାର ହେବ ?**

**ଉତ୍ତର-** ମାନସିକ ଅଶାନ୍ତି ଥିଲେ ଦୂର ହୋଇଯିବ । କଷ୍ଟ ଦୂର ହୋଇଯିବ । ଆମେ ନୂଆ ଶକ୍ତି ପାଇବା । ଅଳସ ଦୂର ହୋଇଯିବ । ଏହି ଖେଳ ଆମେ ଘରେ ମଧ୍ୟ ଆମ ପିଲାଙ୍କୁ କରାଇପାରିବା ।

## କାର୍ଯ୍ୟ-୩ : ପ୍ରଶ୍ନ ୧ର ଉତ୍ତର

- କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବା ।
- ମୋବାଇଲ ଫୋନ୍ ବ୍ୟବହାର ନ କରିବା ।
- ଠିକ୍ ସମୟରେ ଆସିବା ।
- ଅନ୍ୟମାନଙ୍କ କଥା ଶୁଣିବା ।

ଆବଶ୍ୟକତା ଅନୁସାରେ ସକରାତ୍ମକ ପ୍ରତିକ୍ରିୟା ଦେବା ।





## ଦ୍ୱିତୀୟ ଅଧିବେଶନ

# ଆଦ୍ୟ ଶୈଶବ ଶିକ୍ଷା କାର୍ଯ୍ୟକ୍ରମର ଗୁରୁତ୍ୱ

ମା ଗର୍ଭରୁ ଶିଶୁର ବୃଦ୍ଧି ଓ ଶିକ୍ଷା ଆରମ୍ଭ ହୋଇଥାଏ । ମଣିଷ ଜୀବନର ୦ରୁ ୬ ବର୍ଷ ସମୟକୁ ଆଦ୍ୟ ଶୈଶବ ପର୍ଯ୍ୟାୟ କୁହାଯାଏ । ଏହି ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୀବନର ଅନ୍ୟ ପର୍ଯ୍ୟାୟ ତୁଳନାରେ ଏହି ସମୟରେ ଶିଶୁର ବୃଦ୍ଧି ଓ ବିକାଶ ଦ୍ରୁତ ଗତିରେ ହୋଇଥାଏ । ଶିଶୁର ଉଚ୍ଚତା ଓ ଓଜନ ବଢ଼ିବାକୁ ବୃଦ୍ଧି କହିବା ବେଳେ ମାନସିକ, ଶାରୀରିକ, ସାମାଜିକ, ଆବେଗିକ ଇତ୍ୟାଦି ଦକ୍ଷତା ବଢ଼ିବାକୁ ବିକାଶ କୁହାଯାଏ । ଗବେଷଣାରୁ ଜଣାଯାଏ ଯେ, ଶିଶୁମାନଙ୍କର ମସ୍ତିଷ୍କର ବିକାଶ ୬ ବର୍ଷ ମଧ୍ୟରେ ୮୫%ରୁ ଅଧିକ ହୋଇଥାଏ । ତେଣୁ ଏହି ସମୟରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ଏହି ପର୍ଯ୍ୟାୟରେ ଶିଶୁର ପ୍ରାରମ୍ଭିକ ବିକାଶ, ଭାବ ବିନିମୟ ଦକ୍ଷତାର ବିକାଶ ଓ ପରିବେଶ ସହ ସଂପର୍କ ସ୍ଥାପନ, ତାର ବିଦ୍ୟାଳୟ ପ୍ରସ୍ତୁତିରେ ସହାୟକ ହୋଇଥାଏ ।

**ପ୍ରତ୍ୟାଶିତ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣ କାରୀମାନେ

- ପିଲାମାନଙ୍କ ପାଇଁ ଆଦ୍ୟ ଶୈଶବ ଶିକ୍ଷାର ଗୁରୁତ୍ୱ ବିଷୟରେ କହିପାରିବେ ।
- ଆଦ୍ୟ-ଶୈଶବ ଶିକ୍ଷାର ଗୁରୁତ୍ୱକୁ ଧ୍ୟାନରେ ରଖି ପ୍ରାକ୍ ବିଦ୍ୟାଳୟକୁ ଆସୁଥିବା ପିଲାଙ୍କ ବିକାଶ ପାଇଁ ଘରେ ଯେଉଁସବୁ କାର୍ଯ୍ୟ କରିବେ, ତାହା କହିବେ ।

**ସୋପାନ- ତଳେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ପର୍ଯ୍ୟାୟକ୍ରମେ କରାଯିବ ।**

**କାର୍ଯ୍ୟ -୧ : ସକ୍ରିୟାତ୍ମକ କାର୍ଯ୍ୟ** - ଅଭିନୟ ସଂଗୀତ (ସାଧନ କର୍ମୀଙ୍କ ସୂଚନା ଦେଖନ୍ତୁ)

**କାର୍ଯ୍ୟ-୧**

ଆଲୋଚିତ ପ୍ରଶ୍ନ-

- ଅଭିନୟ ସଙ୍ଗୀତଟି କିପରି ଲାଗିଲା ?
- ଏପରି କାର୍ଯ୍ୟ ଆପଣ ଘରେ ପିଲାଙ୍କୁ ଶିଖାଇପାରିବେ କି ?
- ଏହିଭଳି କାର୍ଯ୍ୟ କଲେ ଶିଶୁର କ'ଣ ଲାଭ ହେବ ?
- ଶିଶୁ ମନରେ ଖୁସି ଆଣିବା ପାଇଁ ଓ ଶିଶୁର ବିକାଶ ପାଇଁ ଘରେ ଆପଣମାନେ ଆଉ କେଉଁ କାର୍ଯ୍ୟ କରିପାରିବେ ?





- ଶିଶୁ ସୁସ୍ଥ ରହିବା ସହ ଅଧିକ ଶିଖିବା ପାଇଁ ଆପଣ କ'ଣ କରିବେ ?

ଏହିସବୁ ପ୍ରଶ୍ନର ଆଲୋଚନା କରିସାରିବା ପରେ ସାଧନକର୍ମୀ ଶିଶୁମାନଙ୍କର ଉପଯୁକ୍ତ ବିକାଶ ପାଇଁ ପିତାମାତାମାନେ ନିମ୍ନଲିଖିତ ତିନୋଟି ବିଷୟ ପ୍ରତି ଧ୍ୟାନ ଦେବେ ବୋଲି ସୂଚନା ଦେବେ ।

୧. ଉତ୍ତମ ପୁଷ୍ଟି

୨. ଆଦ୍ୟ ଉଦ୍ଦୀପନା (ସ୍ନେହରେ ଶିଶୁକୁ ଧରିବା, ତା' ସହ ଖେଳିବା ଓ କଥାବାର୍ତ୍ତା କରିବା)

୩. ସୁରକ୍ଷା ଓ ନିରାପତ୍ତା

ଶିଶୁଟିକୁ ବୟସ ଅନୁସାରେ ଉପଯୁକ୍ତ ଖାଦ୍ୟ ଦେବା ସହ ତା ସହ ଖେଳିବା, କଥାବାର୍ତ୍ତା କରିବା ଓ ସ୍ନେହ ଆଦରରେ ଧରିବା ଦ୍ୱାରା ଶିଶୁ ନିଜକୁ ସୁରକ୍ଷିତ ମନେ କରେ ଏବଂ ଚାରିପାଖରେ ଥିବା ପରିବେଶରୁ ଅନେକ କଥା ଶିଖିଥାଏ । ଶିଶୁକୁ ଅବହେଳା କରିବା, କାରଣ ନଥାଇ ବିରକ୍ତ ହେବା ଓ ଦଣ୍ଡ ଦେବା ଭଳି କାମ କଲେ, ଶିଶୁ ମନରେ ନକରାତ୍ମକ ଚାପ ପଡ଼େ, ତେଣୁ ଏହିସବୁ ଚାପରୁ ଶିଶୁକୁ ସୁରକ୍ଷା ଦେଲେ ଶିଶୁର ସବୁପ୍ରକାର ବିକାଶ ସହଜରେ ହୁଏ ।

**କାର୍ଯ୍ୟ-୨ :** ସାଧନକର୍ମୀ କଳାପଟାରେ ଗୋଟିଏ ଝିଅ ଏବଂ ଗୋଟିଏ ପୁଅର ରେଖାଚିତ୍ର ଆଙ୍କିବେ । ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ପୁଅ ବା ଝିଅ ଭବିଷ୍ୟତରେ କିପରି ମଣିଷ ହେବାପାଇଁ ଚାହାନ୍ତି ତାହା ପଚାରିବେ ଓ ସେମାନଙ୍କ ଉତ୍ତରକୁ ଚିତ୍ରର ଚାରିପାଖରେ ସଂକ୍ଷେପରେ ଲେଖି, ଆଲୋଚନାକୁ ଆଗେଇ ନେବେ ।

**ପ୍ରଶ୍ନ-୧ - ଆପଣଙ୍କର ପୁଅ ବା ଝିଅ କିଏ ଅଙ୍ଗନୱାଡ଼ିକୁ ଯାଉଛି ?**

୨. ପୁଅ/ଝିଅ ଭବିଷ୍ୟତରେ କ'ଣ ହେବା ପାଇଁ ଆପଣ ଚାହାନ୍ତି ?

୩. ପିଲାଟି କ'ଣ କରିବାରେ ରୁଚି ରଖିଛି ?

୪. ଆପଣ ପୁଅ/ଝିଅକୁ ଅଙ୍ଗନବାଡ଼ି କେନ୍ଦ୍ରକୁ କାହିଁକି ପଠାଉଛନ୍ତି ।

ଏହି ପ୍ରଶ୍ନଗୁଡ଼ିକର ଖୋଲା ଆଲୋଚନା ପରେ ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ପିଲାମାନଙ୍କର ଆଦ୍ୟ ଶୈଶବ ଶିକ୍ଷାର ଗୁରୁତ୍ୱ କହିବେ ଏବଂ ଏହି ସମୟରେ ପିଲାମାନଙ୍କୁ ଉପଯୁକ୍ତ ପରିବେଶ ଯୋଗାଇ ଦେଲେ ସେମାନଙ୍କ ଶିଶୁ, ତାଙ୍କ ଜୀବନର ଲକ୍ଷ୍ୟ ହାସଲ ପାଇଁ କ'ଣ କରିବା ଦରକାର ତାହା ଆଲୋଚନା କହିବେ ।

**୦ ରୁ ୬ ବର୍ଷର ସମୟକୁ ଆଦ୍ୟ ଶୈଶବ ସମୟ କୁହାଯାଏ । ଏହି ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ସମୟରେ-**

୧. ଶିଶୁର ବୃଦ୍ଧି ଓ ବିକାଶ ଦ୍ରୁତଗତିରେ ହୋଇଥାଏ ।

୨. ୬ ବର୍ଷ ପୂର୍ବରୁ ମସ୍ତିଷ୍କର ବିକାଶ ୮୫%ରୁ ଅଧିକ ହୋଇଥାଏ ।

୩. ଶିଶୁମାନଙ୍କ ଏହି ସମୟରେ ସୁଅଭ୍ୟାସ ଶିଖାଇବା ସହଜ ହୋଇଥାଏ ।

୪. ଶିଶୁ ଅନୁକରଣପ୍ରିୟ ହୋଇଥିବାରୁ ଘରେ ପିତାମାତା ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ସାଧନର୍କମୀ ଏକ ଉତ୍ତମ ଶିକ୍ଷଣୀୟ ପରିବେଶ ସୃଷ୍ଟି କଲେ ଅନୁକରଣ କରି ଖେଳି, ଗୀତଗାଇ, ଚିତ୍ର ଆଙ୍କି, ଗପ ଶୁଣି ଇତ୍ୟାଦି କରି ଶିଶୁ ଅଧିକ ଶିଖେ ଓ ପରବର୍ତ୍ତୀ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରସ୍ତୁତ ହୋଇଥାଏ ।

# ସାଧନକର୍ମୀଙ୍କ ପାଇଁ ସୂଚନା

### ସକ୍ରିୟାତ୍ମକ କାର୍ଯ୍ୟ - ଅଭିନୟ ସଙ୍ଗୀତ

ସାଧନକର୍ମୀ ଅଂଶ ଗ୍ରହଣକାରୀମାନଙ୍କୁ 'U'- ଆକାରରେ ଠିଆ କରାଇ "ଆସ ଆମେ ଖେଳିବା..." ଅଭିନୟ ସଂଗୀତଟିକୁ ଅଭିନୟ ସହ ଆବୃତ୍ତି କରାଇବେ ।

ଆସ ଆମେ ଖେଳିବା
ଦୁଇ ହାତ ଟେକିବା,
ଦୁଇ ହାତ ଟେକି ଆମେ ଆକାଶକୁ ଦେଖିବା । (୧)
ଗୋଡ଼ ଆଙ୍ଗୁଠି ହାତରେ ଛୁଇଁ, ତଳକୁ ଆମେ ଚାହିଁବା । (୨)
କାନ୍ଧ ଆମେ ଛୁଇଁବା, ଉପରକୁ ଡେଇଁବା
ଉପରକୁ ଡେଇଁ ଆମେ ଚକା ମାଡ଼ି ବସିବା । (୩)
ଗୋଡ଼ ଦେବା ଲମ୍ବାଇ, ବୁଢ଼ା ଆଙ୍ଗୁଠି ମୁଠାଇ
ଆଣ୍ଠୁରେ ମୁଣ୍ଡ ଲଗାଇ ଆମେ, ଗୋଡ଼କୁ ସିଧା ରଖିବା । (୪)
ଆସ ଆମେ...
ଆମେ ଚକା ପକାଇ, ତଳକୁ ମୁଣ୍ଡ ଲଗାଇ
ନମସ୍କାର କରି ଆମେ ପଢ଼ିବାକୁ ବସିବା । (୫)
ଆସ ଆମେ....





## ତୃତୀୟ ଅଧିବେଶନ

# ଅଙ୍ଗନୱାଡ଼ି କେନ୍ଦ୍ରରେ କ'ଣ କ'ଣ କରାଯାଏ ?

ଆଦ୍ୟ ଶୈଶବ ଅବସ୍ଥାରେ ଶିଶୁମାନଙ୍କର ବୃଦ୍ଧି ଓ ବିକାଶ ଦ୍ରୁତ ଗତିରେ ହୋଇଥାଏ । ଗର୍ଭାବସ୍ଥାରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଟିର ମସ୍ତିଷ୍କ ବିକାଶ ନିମନ୍ତେ ସ୍ୱାସ୍ଥ୍ୟ, ପୁଷ୍ଟି, ଯତ୍ନ, ଉଦ୍ଦୀପନା, ଉତ୍ତମ ପରିବେଶର ଆବଶ୍ୟକତା ଅଧିକ ହୋଇଥାଏ । ତେଣୁ ଏହିସବୁ କାର୍ଯ୍ୟଗୁଡ଼ିକୁ ସୁଚାରୁରୂପେ ବହନ କରିବା ପାଇଁ ଆମ ଅଙ୍ଗନୱାଡ଼ି କାର୍ଯ୍ୟର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିଶୁର ସାମଗ୍ରିକ ବିକାଶ ଯଥା- ଶାରୀରିକ, ମାନସିକ, ଆବେଗିକ, ସାମାଜିକ, ଭାଷାଗତ ଓ ସୃଜନଶୀଳତାର ବିକାଶ ପାଇଁ ଏହି କେନ୍ଦ୍ର ଏକ ଉପଯୁକ୍ତ ସ୍ଥାନ । ଯେଉଁଠାରେ ଶିଶୁଟି ତାର ଦୈନନ୍ଦିନ କାର୍ଯ୍ୟ କରିବାର ଦକ୍ଷତାର ବୃଦ୍ଧି, ଭାଷାଜ୍ଞାନ ଓ ସୃଜନଶୀଳତା ଇତ୍ୟାଦି ସହିତ ନିଜର ଭବିଷ୍ୟତ ଭିତ୍ତିଭୂମି ପ୍ରସ୍ତୁତ କରିଥାଏ ଏବଂ ତାର ବିଦ୍ୟାଳୟକୁ ତଥା ପରବର୍ତ୍ତୀ ଶିକ୍ଷାକୁ ସହଜ ଓ ଉନ୍ନତ କରିଥାଏ ।

ଏହି ଅଧିବେଶନରେ ଏ ସମ୍ପର୍କରେ ଆଲୋଚନା କରାଯିବାର ସୁଯୋଗ ସୃଷ୍ଟି କରାଯାଇଛି ।

ପ୍ରତ୍ୟାଶିତ ଫଳାଫଳ- ଅଂଶଗ୍ରହଣକାରୀମାନେ

- ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ କହିବେ ।
- ପ୍ରାକ୍ - ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ଦିଗ ବିଷୟରେ କହିବେ ।

### କାର୍ଯ୍ୟ-୧ (ଖୋଲା ଆଲୋଚନା) 'ବନ୍ଧୁ ନମସ୍କାର' ଖେଳ

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ଗୋଲାକାରରେ ଠିଆ ହେବାକୁ ନିର୍ଦ୍ଦେଶ ଦେବେ ଏବଂ ଯାହା ପାଖକୁ ଯାଇ ବନ୍ଧୁ ନମସ୍କାର କହିବେ, ସେ ଗୋଟିଏ ଅଙ୍ଗନୱାଡ଼ିର କାର୍ଯ୍ୟ ବିଷୟରେ କହିବେ । ଏହିପରି ଭାବରେ ଖେଳଟି ଆଗକୁ ଅଗ୍ରସର ହେବ ଏବଂ ସମସ୍ତ ଅଂଶଗ୍ରହଣକାରୀମାନେ ଅଙ୍ଗନୱାଡ଼ିର କାର୍ଯ୍ୟ ବିଷୟରେ କହିବେ । ସାଧନକର୍ମୀ ସମସ୍ତ ଉତ୍ତର ପାଇ ସାରିବାପରେ ଅଙ୍ଗନୱାଡ଼ିରେ ଦିଆଯାଉଥିବା ସେବାଗୁଡ଼ିକ ବିଷୟରେ ସବିଶେଷ ଆଲୋଚନା କରିବେ । ଅଙ୍ଗନୱାଡ଼ିର ୬ ଗୋଟି ପ୍ରମୁଖ ସେବାଗୁଡ଼ିକ କଳାପଟାରେ ସାଧନକର୍ମୀ ଲେଖିବେ ।

### ୬ ଟି ପ୍ରମୁଖ ସେବାର ତାଲିକା:

୧. ପରିପୂରକ ପୁଷ୍ଟିସାଧନ

୨. ପ୍ରାକ୍-ବିଦ୍ୟାଳୟ ଶିକ୍ଷା

୩. ପ୍ରତିଷେଧକ ଟୀକା ପ୍ରଦାନ

୪. ସ୍ୱାସ୍ଥ୍ୟ ପରୀକ୍ଷା

୫. ପରାମର୍ଶ ସେବା

୬. ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା

**ପ୍ରଶ୍ନ-** ଆପଣଙ୍କ ଶିଶୁର ମାନସିକ ବିକାଶ ନିମନ୍ତେ ଉପରୋକ୍ତ କେଉଁ କାର୍ଯ୍ୟକ୍ରମଟି ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛନ୍ତି ?

**ଉ-** ପ୍ରାକ-ବିଦ୍ୟାଳୟ ଶିକ୍ଷା । କାରଣ ପ୍ରାକ୍-ବିଦ୍ୟାଳୟରେ ପିଲାଟିର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯତ୍ନ ପାଇବା ସହିତ ନିଜର ଭାବକୁ ପରିପ୍ରକାଶ କରିବା, ନିଜ ପରିବେଶକୁ ଚିହ୍ନିବାରେ ଦକ୍ଷତା ବଢ଼ାଇବା ତଥା ମାନସିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ ।

## କାର୍ଯ୍ୟ - ୨ (ଦଳଗତ କାର୍ଯ୍ୟ)

ଅଙ୍ଗନୱାଡ଼ିରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ଦିଗ ଜାଣିବାପାଇଁ ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ବିଭକ୍ତ କରି ଦଳଗତ କାର୍ଯ୍ୟ କରାଇବେ ।

ଦଳ ୧ - ଗୋଡ଼ିକୁ ରଙ୍ଗ ଦେବେ (ନାଲି, ସବୁଜ, ହଳଦିଆ, ନୀଳ)

ଦଳ ୨ - କାଗଜ କାଟି ବିଭିନ୍ନ ଆକୃତି ତିଆରି କରିବେ (ଗୋଲାକାର, ତ୍ରିଭୁଜ, ଚତୁର୍ଭୁଜ)

ଦଳ ୩- ଚିତ୍ରକୁ ରଙ୍ଗ ଦେବେ ଏବଂ କାଟି କରି ଯୋଡ଼ିବେ

ଦଳ ୪ - ବିଭିନ୍ନ ପ୍ରକାର ପତ୍ରରେ ଛପା କାର୍ଯ୍ୟ କରିବେ

ଦଳ ୫ - ରଙ୍ଗୀନ କାଗଜରେ ସାମଗ୍ରୀ ପ୍ରସ୍ତୁତି କରିବେ

ସମସ୍ତ ଦଳର ଉପସ୍ଥାପନା ପରେ ସାଧନକର୍ମୀ ନିମ୍ନଲିଖିତ ପ୍ରଶ୍ନ ପଚାରି ସଂକ୍ଷେପରେ କରିବେ ।

**ପ୍ରଶ୍ନ-୧ ଏହି କାର୍ଯ୍ୟଗୁଡ଼ିକ କେଉଁ ଉଦ୍ଦେଶ୍ୟରେ କରାଯାଏ ?**

**ପ୍ରଶ୍ନ-୨ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହିପରି ଆଉ କେଉଁ ସବୁ କାର୍ଯ୍ୟ ହୁଏ ?**

**ଖେଳ, ଗପ, ଗୀତ, ନାଚ, ଅଭିନୟ ଇତ୍ୟାଦି ।**

ପ୍ରଶ୍ନ-୩ ଏହିସବୁ କାମ କରାଯିବାରୁ ପିଲାମାନଙ୍କର କଣ ଲାଭ ହେଉଛି ?

ପ୍ରଶ୍ନ-୪. ଅଙ୍ଗନୱାଡ଼ି ଯିବା ଦ୍ୱାରା ଶିଶୁର ବିଦ୍ୟାଳୟ ଯିବା ପାଇଁ କିପରି ଆଗ୍ରହ ହୁଏ ?

ପ୍ରଶ୍ନ-୫ - ଅଙ୍ଗନୱାଡ଼ି ଶିଶୁ ୪ ଘଣ୍ଟା ରହିବା ଦ୍ୱାରା ଘରେ କାହାର ଦାୟିତ୍ୱ କମେ ?

ପ୍ରଶ୍ନ-୬- ଦ୍ୱିଭାଷୀ ପିଲା (ଦୁଇ ପ୍ରକାର ଭାଷା କହୁଥିବା ପିଲା)ଙ୍କ ପାଇଁ ସୁବିଧା କିପରି ହୁଏ ?

ପ୍ରଶ୍ନ-୭ - ଆପଣମାନେ କେବେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଆନ୍ତି କି ?

ପ୍ରଶ୍ନ-୮ - ସେଠାରେ ଆପଣ କ'ଣ କ'ଣ କରନ୍ତି ?

**ଉତ୍ତର :**

୧. ଶିଶୁର ସବୁ ଦିଗ (ଯଥା- ମାନସିକ, ଶାରୀରିକ, ସାମାଜିକ, ଆବେଗିକ, ସୃଜନଶୀଳତା)ର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ କରାଯାଉଛି ।

୨. ଅନୁଷ୍ଠାନିକ ଶିକ୍ଷା ପାଇଁ ଶିଶୁକୁ ପ୍ରସ୍ତୁତ କରାଯାଉଛି ।

୩. ଶିଶୁର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବାପାଇଁ ସୁଯୋଗ ଦିଆଯାଉଛି ।

୪. ଦ୍ୱିଭାଷୀ ପିଲାଙ୍କର ଭାଷାଗତ ସମସ୍ୟା ଦୂର କରିବାପାଇଁ ସୁଯୋଗ ଦିଆଯାଉଛି ।

୫. ଛୋଟ ପିଲାମାନଙ୍କର ଯତ୍ନକାରୀ/ବଡ଼ ଭାଇ ଭଉଣୀଙ୍କର ଦାୟିତ୍ୱ ଭାର କମାଇବା ।

**ସାମଗ୍ରୀ-** ଗୋଡ଼ି, painting ରଙ୍ଗ, ବାଘ, ହାତୀ, ଘର, ସୁନ୍ଦର ପରିବେଶର ଚିତ୍ର, ତୁଳୀ, ରଙ୍ଗୀନ କାଗଜ, drawing sheet, pencil. sketch pen ପତ୍ର ଇତ୍ୟାଦି ।



# ସାଧନକର୍ମୀଙ୍କ ପାଇଁ ସୂଚନା

## ଅଙ୍ଗନୱାଡ଼ିର କାର୍ଯ୍ୟାବଳୀ

ପରିପୂରକ ପୁଷ୍ଟି ସାଧନ ବା ପୁଷ୍ଟିକର ଖାଦ୍ୟ ବଣ୍ଟନ ଦ୍ୱାରା ଗର୍ଭବତୀ, ପ୍ରସୂତୀ, ୭ ମାସରୁ ୬ ବର୍ଷ ବୟସର ଶିଶୁମାନଙ୍କ ଖାଦ୍ୟ ବଣ୍ଟନ କରାଯାଇଥାଏ । ଏହି ବ୍ୟବସ୍ଥାରେ ଗର୍ଭବତୀ, ପ୍ରସୂତୀ, ୭ ମାସରୁ ୩ ବର୍ଷର ଶିଶୁମାନଙ୍କ ଘରକୁ ଶୁଖିଲା ଖାଦ୍ୟ ଯଥା ଛତୁଆ, ଅଣ୍ଡା, ବାଦାମ ଲଡୁ, ରାଶି ଲଡୁ, ଚିକି, ମାଣ୍ଡିଆ ଲଡୁ ଦିଆଯାଇଥାଏ ଏବଂ ୩ରୁ ୬ ବର୍ଷ ଶିଶୁମାନଙ୍କ ସକାଳ ଜଳଖିଆରେ ଗଜାମୁଗ, ଚୂଡ଼ା, ଲଡୁ, ଋତୁକାଳୀନ ଫଳ ଦିଆଯାଇଥାଏ । ଗରମ ରନ୍ଧା ଖାଦ୍ୟରେ ତାଲିକା ଅନୁସାରେ ଭାତ, ଡାଲମା, ସୋୟାବଡ଼ି, ଅଣ୍ଡା ଏବଂ ପରିବା ତରକାରୀ ଇତ୍ୟାଦି ଦିଆଯାଇଥାଏ । ଗର୍ଭବତୀ ପ୍ରସୂତୀ, ୦-୬ ବର୍ଷ ଶିଶୁ, କିଶୋରୀ ବାଳିକାମାନଙ୍କୁ ବିଭିନ୍ନ ରୋଗରୁ ରକ୍ଷା ପାଇବା ପାଇଁ ଟୀକାକରଣ କରାଯାଇଥାଏ । VHSND (Village Health Sanitation and Nutrition Day) କାର୍ଯ୍ୟକ୍ରମ ଦ୍ୱାରା ଗର୍ଭବତୀ, ପ୍ରସୂତୀ, ୦-୬ ବର୍ଷ ଶିଶୁ, କିଶୋରୀ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ ଏବଂ ଗର୍ଭବତୀ, ପ୍ରସୂତୀଙ୍କୁ iron folic, Calcium tablet ବଣ୍ଟନ କରାଯାଏ । ଯେଉଁମାନେ ସଂକଟାପନ୍ନ ବୋଲି ଚିହ୍ନଟ ହୁଅନ୍ତି ସେମାନଙ୍କୁ ଡାକ୍ତରଙ୍କ ପରାମର୍ଶ ନିମନ୍ତେ ଡାକ୍ତରଖାନାକୁ ପଠାଯାଏ । ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା ମାଧ୍ୟମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଶିକ୍ଷା ସମ୍ବନ୍ଧୀୟ ଶିକ୍ଷା ଦିଆଯାଏ, ଯେପରିକି ରକ୍ତହୀନତା ନିରାକରଣ, ପୁଷ୍ଟିହୀନତା, ପରିଷ୍କାର ପରିଚ୍ଛନ୍ନତା, ପୋଷଣ ମାସ ପାଳନ ମା କ୍ଷୀରର ଉପଦେୟତା ଇତ୍ୟାଦି । ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମରେ ୩ ବର୍ଷରୁ ଶିଶୁମାନଙ୍କ ପାଇଁ କୁନି କ୍ୟାଲେଣ୍ଡର (calender, ବର୍ଷରେ ୪ଟି) ଯୋଗାଇ ସେମାନଙ୍କର ବିକାଶକୁ ତ୍ୱରାନ୍ୱିତ କରାଯାଇଥାଏ । ୩ରୁ ୬ ବର୍ଷ ଶିଶୁମାନଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଦିଆଯାଇ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରସ୍ତୁତ କରାଯାଏ । ସେଥିପାଇଁ ପିତାମାତାଙ୍କର ସମ୍ପୃକ୍ତି ପାଇଁ ୧୨ ମାସରେ ୧୨ଟି ଘରେ ଘରେ ଅରୁଣିମା Calender ଯୋଗାଇ ଦିଆଯାଉଛି । ପ୍ରତି ମାସର ୧୯ ତାରିଖରେ ଅଙ୍କୁର ଦିବସ ପାଳନ କରାଯାଇ ଗୋଷ୍ଠୀ ସମ୍ପୃକ୍ତିକୁ ନିଶ୍ଚିତ କରାଯାଉଛି ।





## ଚତୁର୍ଥ ଅଧିବେଶନ

# ଶିଶୁର ସବୁଦିଗର (ସାମଗ୍ରିକ) ବିକାଶ

ଶିଶୁର ବିକାଶ ମା' ପେଟରୁ ଆରମ୍ଭ ହୋଇ ମରିବା ପର୍ଯ୍ୟନ୍ତ ବିଭିନ୍ନ ସ୍ତର ଦେଇ ଗତି କରିଥାଏ । ଆଦ୍ୟ-ଶୈଶବ ସ୍ତରରେ ଜନ୍ମଠାରୁ ୬ ବର୍ଷର ଶିଶୁଙ୍କୁ ସାମିଲ କରାଯାଇଥାଏ । ଏହି ବୟସର ଶିଶୁମାନଙ୍କର ଯତ୍ନ ଓ ଶିକ୍ଷା ସେମାନଙ୍କ ପରିବାର, ପରିବେଶ ଓ ଅଧିକ ଭାବରେ ଅଙ୍ଗନୱାଡ଼ିଦ୍ୱାରା ହୋଇଥାଏ । ଏହି ସମୟର ବିକାଶ ପରବର୍ତ୍ତୀ ବିକାଶର ଧାରାକୁ ପ୍ରଭାବିତ କରିଥାଏ । ତେଣୁ ଶିଶୁଟିର ସବୁଦିଗର ବିକାଶ ଯେପରି ଶାରୀରିକ, ମାନସିକ, ଭାଷାଗତ, ବୌଦ୍ଧିକ, ସାମାଜିକ, ଆବେଗିକ, ସୃଜନାତ୍ମକ, ସୌନ୍ଦର୍ଯ୍ୟବୋଧର ବିକାଶ ପାଇଁ ଯେଉଁ ଲକ୍ଷଣଗୁଡ଼ିକ ଦେଖାଯାଏ, ଆମେ ତା ସହ ପରିଚିତ ହେବା ଆବଶ୍ୟକ । ଫଳରେ ଶିଶୁଟିକୁ ସାମଗ୍ରିକ ବିକାଶ ପାଇଁ ସାହାଯ୍ୟ କରାଯାଇପାରିବ । ଶିଶୁକୁ ଠିକ ଭାବରେ ବୁଝିବା ଆମ ସମସ୍ତଙ୍କ ପାଇଁ ଏକ ଡାକରା । ଏହି ଅଧିବେଶନଟିରେ ୩ରୁ ୬ ବର୍ଷର ଶିଶୁଙ୍କର ସବୁ ଦିଗର ବିକାଶର ଲକ୍ଷଣଗୁଡ଼ିକୁ ବିଷୟରେ ଆଲୋଚନା କରାଯାଇଛି ।

**ପ୍ରତ୍ୟାଶିତ ଫଳାଫଳ: ଅଂଶଗ୍ରହଣକାରୀମାନେ**

- ଶିଶୁଙ୍କ ବିକାଶର ସବୁ ଦିଗଗୁଡ଼ିକୁ କହିବେ ।
- ଅଭିଭାବକମାନେ ଶିଶୁର ସବୁ ଦିଗର (ସାମଗ୍ରିକ) ବିକାଶ ପାଇଁ ଆବଶ୍ୟକ କାର୍ଯ୍ୟଗୁଡ଼ିକ ଚିହ୍ନଟ କରିବେ ।

### କାର୍ଯ୍ୟ-୧ ବଲ ଖେଳ

**ଆବଶ୍ୟକ ସାମଗ୍ରୀ-ବଲ**

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ଗୋଲାକାରରେ ଠିଆ କରାଇବେ । ଗୋଟିଏ ବଲ ଦେଇ ପରସ୍ପରକୁ ଫୋପାଡ଼ିବା ପାଇଁ କହିବେ । ଯାହା ପାଖରେ ବଲ ପଡ଼ିବ ସେ ନିଜ ପିଲା ପ୍ରତିଦିନ କରୁଥିବା କାମ ମଧ୍ୟରୁ ଯେ କୌଣସି ଗୋଟିଏ କାମ (Extracurricular Activity)ର ନାମ କହିବେ । ଏକାଧିକ କାମର ନାମ କହିପାରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଉତ୍ସାହିତ କରାଯିବ ।

**ଖୋଲା ଆଲୋଚନା-**

ପ୍ରଶ୍ନ ୧ - ପିଲାମାନେ ଏପରି ଭାବରେ ବଲ ଖେଳନ୍ତି କି ?

ପ୍ରଶ୍ନ ୨ - ଏହି ଖେଳରୁ ଶିଶୁର କେଉଁ ଦିଗର ବିକାଶ ହୋଇପାରିବ ?

ଉତ୍ତର: ଏହି ଖେଳରୁ ପିଲାର ଶାରୀରିକ, ମାନସିକ, ସାମାଜିକ, ଆବେଗିକ ବିକାଶ ହୋଇପାରିବ । ଅନ୍ୟମାନଙ୍କ ସହ ମିଶିବା ଓ ଖେଳିବା ଦ୍ୱାରା ତା'ର ବ୍ୟକ୍ତିତ୍ୱର ଉନ୍ନତି ହେବା ସହିତ ସାମାଜିକ ବିକାଶ ମଧ୍ୟ ହୋଇପାରିବ । ଅନ୍ୟମାନଙ୍କୁ ବଲ ଫୋପାଡ଼ିବା ବେଳେ ତା'ର ଆବେଗିକ ବିକାଶ ଘଟିବା ସହିତ ଶାରୀରିକ ଓ ମାନସିକ ବିକାଶ ମଧ୍ୟ ହୋଇପାରିବ । ବିକାଶର ସ୍ତରଗୁଡ଼ିକ ପରସ୍ପର ସହିତ ସମ୍ପର୍କିତ ହୋଇଥିବାରୁ ଗୋଟିଏ କାର୍ଯ୍ୟରେ ବିଭିନ୍ନ ପ୍ରକାର ବିକାଶ ହୋଇଥାଏ ।

### କାର୍ଯ୍ୟ-୨ : ଆସ ଚିତ୍ର ଆଙ୍କିବା (ଯୋଡ଼ି କାର୍ଯ୍ୟ)

**ସାମଗ୍ରୀ- କାଗଜ ଓ ରଙ୍ଗ ପେନସିଲ**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଦୁଇ ଦୁଇ ଜଣ ହୋଇ ବସିବାକୁ ସୂଚନା ଦେବେ । ଦୁଇ ଜଣ ପରସ୍ପରର ମୁହଁର ଚିତ୍ର ଅଙ୍କନ କରି ସେଥିରେ ରଙ୍ଗ ଦେବାପାଇଁ ସୂଚନା ଦେବେ । ଏହା ପରେ ପ୍ରତ୍ୟେକ ଯୋଡ଼ି ଠିଆ ହୋଇ ନିଜ ନିଜର ଚିତ୍ର ଦେଖାଇବେ ଓ ଚିତ୍ର ବିଷୟରେ କିଛି କହିବେ ।

### ଖୋଲା ଆଲୋଚନା-

**ପ୍ରଶ୍ନ ୧- ଏହି କାର୍ଯ୍ୟଟି ଆପଣଙ୍କୁ କିପରି ଲାଗିଲା ?**

**ପ୍ରଶ୍ନ ୨- ପିଲାମାନେ ଚିତ୍ର ଆଙ୍କିବା କାମ କରନ୍ତି କି ?**

**ପ୍ରଶ୍ନ ୩- ଏହି କାର୍ଯ୍ୟରୁ ଶିଶୁମାନଙ୍କର କେଉଁ ଦିଗର ବିକାଶ ହୋଇଥାଏ ?**

**ଉତ୍ତର :** ଶିଶୁମାନେ ପରସ୍ପରର ନିକଟବର୍ତ୍ତୀ ହୋଇଥାନ୍ତି । ଅନ୍ୟ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆଗ୍ରହୀ ହେବେ । ଶିଶୁର ନୂଆ କିଛି କରିବାର ସାମର୍ଥ୍ୟ ଚିତ୍ରାଙ୍କନ ଦ୍ୱାରା ହାସଲ ହେବା ସହିତ ସାମାଜିକ, ବୌଦ୍ଧିକ ବିକାଶ ମଧ୍ୟ ହୋଇପାରିବ ।

### କାର୍ଯ୍ୟ-୩ : ଦଳଗତ କାର୍ଯ୍ୟ


ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଦୁଇଟି ଦଳରେ ବିଭକ୍ତ କରିବେ । ଗୋଟିଏ ଦଳକୁ ପ୍ରଶ୍ନ-୧ ଏବଂ ଅନ୍ୟ ଦଳକୁ ପ୍ରଶ୍ନ-୨ ଦେଇ ପରସ୍ପର ମଧ୍ୟରେ ଦଳରେ ଆଲୋଚନା କରିବାକୁ କହିବେ । ଏହାପରେ ଗୃହରେ ଅଂଶଗ୍ରହଣକାରୀମାନଙ୍କର କାର୍ଯ୍ୟକୁ ଉପସ୍ଥାପନା କରାଯିବ । ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କର ଉତ୍ତର ଆଧାରରେ କାର୍ଯ୍ୟର ଆଲୋଚନା ଓ ସଂକ୍ଷେପଣ କରିବେ ।

**ସାମଗ୍ରୀ-ପ୍ରଶ୍ନ ଚିଟ୍**

**ପ୍ରଶ୍ନ ୧- ପିଲାଟିଏ ଅଙ୍ଗନୱାଡ଼ିକୁ ଆସିବା ପୂର୍ବରୁ କ'ଣ କ'ଣ ଶିଖି କରି ଆସିଥାଏ ?**

**ପ୍ରଶ୍ନ ୨- ଅଙ୍ଗନୱାଡ଼ିରୁ ପିଲାଟି କ'ଣ ଶିଖି କରି ଯାଇଥାଏ ?**

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କର ଉତ୍ତରକୁ ଭିତ୍ତିକରି ଏହି ଦୁଇଟି ପ୍ରଶ୍ନର ଆଲୋଚନା ଓ ସଂକ୍ଷେପଣ କରିବେ ।




## କାର୍ଯ୍ୟ-୪ : 'ଆମରି କାମ'

ଅଂଶଗ୍ରହଣକାରୀମାନେ ଗୋଲାକାରରେ ଠିଆ ହୋଇ ଅଭିନୟ ସହ ଗୀତଟିକୁ ଆବୃତ୍ତି କରିବେ ।

### "ଆମରି କାମ"

ଶୁଣ ଶୁଣ ସବୁ ବାପାମାନେ,
ଶୁଣ ଶୁଣ ସବୁ ମାଆମାନେ, ବଉଳ ଲୋ ।
ପିଲାକୁ ଗାଧୋଇବା ସମୟରେ,
ସାବୁନ ଲଗାଇବ ଧୀରେ ଧୀରେ,
ଇଚ୍ଛା ମୁତାବକ ପାଣି ଢାଳିବାକୁ,
କହୁଥିବ 'ହଁ' ଖୁସି ମନରେ, ବଉଳ ଲୋ ।
ଶୋଇବାକୁ ଶେଯ ପାରିବାରେ,
ଶିଖାଇବ ସପ୍ତାହରେ ଥରେ ଥରେ, ବଉଳ ଲୋ ।
ନୂଆ ନୂଆ ଗପ କହୁଥିବ,
ଶିଶୁ ମନରେ ଭାବନା ଭରୁଥିବ, ବଉଳ ଲୋ ।
ଶିଶୁଠାରୁ ଗପ ଶୁଣୁଥିବ,
ମଝିରେ ମଝିରେ 'ହଁ' ମାରୁଥିବ, ବଉଲ ଲୋ ।
ଖୁଆଇବା ସମୟେ ସବୁଦିନ,
ଗପ କହୁଥିବ ଗୁରୁଜନ, ବଉଳ ଲୋ ।
ଖୁଆଇବା ଆଗୁ ତା' ହାତ ଧୋଇବ,
ସୁଷମ ଆହାର ନିତି ଦଉଥିବ, ବଉଳ ଲୋ ।
ତୁମ ଆମ ଘର ପିଲାଟିଏ,
ଅଙ୍ଗନୱାଡ଼ିରେ ପଢ଼େ ସିଏ,
ମିଳିମିଶି ଯତନ କରିବା ତା'ର,
ଭଲ ମଣିଷଟେ ହେବ ସିଏ ବଉଲ ଲୋ ।

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କ ସହିତ "ଆମରି କାମ" ଗୀତଟିକୁ ଗାଇବେ । ଗୀତଟି ଗାଇବା ସମୟରେ ସାଧନକର୍ମୀ ଅଭିନୟ କରିବା ସହିତ ଅଂଶଗ୍ରହଣକାରୀମାନଙ୍କୁ ମଧ୍ୟ ଅଭିନୟ କରିବାକୁ କହିବେ । ଏହାପରେ ନିମ୍ନ ପ୍ରଶ୍ନ ଦୁଇଟି ପଚାରିବେ ।

**ପ୍ରଶ୍ନ ୧ - ଆପଣମାନଙ୍କ ପିଲାଙ୍କ ପାଇଁ ଘରେ କେଉଁ ସବୁ କାର୍ଯ୍ୟ କରୁଛନ୍ତି ?**

**ପ୍ରଶ୍ନ ୨ - ଶିଶୁର ସବୁଦିଗର ବିକାଶ ପାଇଁ ଆଉ କେଉଁ କାର୍ଯ୍ୟ କରିବା ଦରକାର ?**

ସେମାନଙ୍କଠାରୁ ଉତ୍ତର ପାଇବା ପରେ ଅଭିଭାବକମାନେ ପିଲାମାନଙ୍କ ପାଇଁ କେଉଁ ସମୟରେ କେଉଁ କାର୍ଯ୍ୟ କରିବେ, ସେ ସମ୍ପର୍କରେ ନିମ୍ନମତେ ଆଲୋଚନା କରିବେ ।

**ପ୍ରଶ୍ନ-୩- ଶିଶୁକୁ ଗାଧୋଇବା ସମୟରେ ଆପଣମାନେ ତା ସହ କ'ଣ କ'ଣ ଆଲୋଚନା କରିବେ ?**

**ଉତ୍ତର-** ନିମ୍ନରେ ଦିଆଯାଇଥିବା କଥାଗୁଡ଼ିକୁ ଶିଶୁମାନଙ୍କ ସହ ଆଲୋଚନା କରିବେ ।

- ଗାଧୋଇବା ପାଣି ଥଣ୍ଡା ଅଛି ନା ଗରମ ଅଛି ?
- ଗରମ ପାଣିକୁ ଆମେ କିପରି ଥଣ୍ଡା କରିବା ?
- ତୁମେ ପିନ୍ଧିଥିବା ପୋଷାକର ରଙ୍ଗ କ'ଣ ?
- ଏହାଦ୍ୱାରା ଶିଶୁର ଭାଷା ଓ ଭାବନାର ବିକାଶ ହୋଇଥାଏ । ଶିଶୁ ବିଭିନ୍ନ ରଙ୍ଗ, ଗରମ ଓ ଥଣ୍ଡା ଆଦି ବିଷୟରେ ଶିଖିବାର ସୁଯୋଗ ଥାଏ ।

**ପ୍ରଶ୍ନ -୪ ଶିଶୁ ଖାଇବା ସମୟରେ ଆପଣ କ'ଣ କ'ଣ କରିବେ ।**

**ଉତ୍ତର -** ଖୁଆଇବା ସମୟରେ ଗପ ଶୁଣାନ୍ତୁ ।

- ତାକୁ ସମସ୍ତଙ୍କ ସହ ଖାଇବାକୁ ଦିଅନ୍ତୁ ।
- ଖାଦ୍ୟ ପରଷିବା, ବାସନ ଉଠାଇବା, ଗ୍ଲାସରେ ପାଣିଦେବା ଆଦି ଶିଖାଇବା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ ।
- ସ୍ୱତନ୍ତ୍ର ଥାଳିରେ ଖାଦ୍ୟ ଦିଅନ୍ତୁ ।
- ଖାଇବା ପୂର୍ବରୁ ଓ ପରେ ଠିକ୍ ଭାବରେ ହାତ ଧୋଇବାକୁ କୁହନ୍ତୁ ।
- ଶିଶୁ ଖାଇବା ସମୟରେ ଅବୁଝା ହେଲେ ତାକୁ ସ୍ନେହ କରି, ବାହାରକୁ ନେଇ ବିଭିନ୍ନ ଜିନିଷ ଦେଖାଇ, ଖେଳାଇ ଖୁଆନ୍ତୁ ।

**ପ୍ରଶ୍ନ-୫ ଶିଶୁ ଶୋଇବା ସମୟରେ ଆପଣ କ'ଣ କ'ଣ କରିବେ ।**

**ଉତ୍ତର-** ଶୋଇବା ଶେଯ ପାରିବାରେ ଶିଶୁର ସାହାଯ୍ୟ ନିଅନ୍ତୁ ।

- ଶିଶୁକୁ ବିଭିନ୍ନ କାହାଣୀ ଶୁଣାନ୍ତୁ ।
- ଶିଶୁ ଯଦି କିଛି କାହାଣୀ ବା ଘଟଣା କହିବାକୁ ଚାହେଁ, ତା'କୁ ମନ ଦେଇ ଶୁଣନ୍ତୁ ।
- ଶିଶୁ ସହିତ କଥା ହୁଅନ୍ତୁ ଓ ପ୍ରଶ୍ନ ପଚାରନ୍ତୁ, ଯେପରି- ତୁମେ ଆଜି ଅଙ୍ଗନୱାଡ଼ି କେନ୍ଦ୍ରରେ କେଉଁ କାର୍ଯ୍ୟ ସବୁ କଲ ?
- ଆଜି କରିଥିବା କାମରୁ କେଉଁଗୁଡ଼ିକ ମଜା ଲାଗିଲା ?
- ନାନାବାୟା ଗୀତ ଏବଂ ଅନ୍ୟାନ୍ୟ ଶିଶୁ ଗୀତ ଶୁଣାଇବାକୁ ଚେଷ୍ଟା କରନ୍ତୁ ।

**ଖୋଲା ଆଲୋଚନା**

## ପ୍ରଶ୍ନ- ଶିଶୁର ସବୁଦିଗର ବିକାଶ ପାଇଁ ଆପଣଙ୍କ ଭୂମିକା କ'ଣ ?

ସାଧନ କର୍ମୀ ଉପରୋକ୍ତ ପ୍ରଶ୍ନର ଆଲୋଚନା ପରେ ଅଂଶଗ୍ରହଣକାରୀମାନଙ୍କ ସହିତ ଶିଶୁର ସବୁଦିଗର ବିକାଶ ପାଇଁ ନିମ୍ନରେ ଦିଆଯାଇଥିବା ତଥ୍ୟଗୁଡ଼ିକୁ ଆଲୋଚନା ଓ ସଂକ୍ଷେପଣ କରିବେ ।

**ଖୋଲା ଆଲୋଚନା**

ସାଧନକର୍ମୀ ଉପରୋକ୍ତ ପ୍ରଶ୍ନର ଆଲୋଚନା ପରେ ଅଂଶଗ୍ରହଣକାରୀମାନଙ୍କ ସହିତ ଶିଶୁର ସବୁଦିଗର ବିକାଶ ପାଇଁ ନିମ୍ନରେ ଦିଆଯାଇଥିବା ତଥ୍ୟଗୁଡ଼ିକୁ ଆଲୋଚନା ଓ ସଂକ୍ଷେପଣ କରିବେ ।

## ଶିଶୁର ସବୁଦିଗର ବିକାଶ (ସାମଗ୍ରିକ ବିକାଶ) ପାଇଁ କାର୍ଯ୍ୟ

### ଶାରୀରିକ ବିକାଶ ପାଇଁ କାର୍ଯ୍ୟ

ସ୍ଥୁଳ ମାଂସପେଶୀ ଆଧାରିତ କାର୍ଯ୍ୟ - ଛୋଟ ଛୋଟ ଖେଳ ଯେପରି ଦୌଡ଼ିବା, ଡେଇଁବା, ଦୌଡ଼ ଡ଼ିଆଁ, ଦୋଳି ଖେଳିବା, ଓହଳିବା, ପାହାଚ ଚଢ଼ିବା କାମ ।

ସୂକ୍ଷ୍ମ ମାଂସପେଶୀ ଆଧାରିତ କାର୍ଯ୍ୟ- କାଗଜ ଚିରିବା, ରଙ୍ଗଦେବା, ଆଙ୍ଗୁଠିଛାପ, କାଗଜକୁ ଛୋଟ ଛୋଟ କରି ଭାଙ୍ଗିବା ଇତ୍ୟାଦି କାମ କରାଇବା ପାଇଁ ସୁଯୋଗ ସୃଷ୍ଟି କରିବେ ।

**ଆବେଗିକ ବିକାଶ ପାଇଁ କାର୍ଯ୍ୟ-** ଶିଶୁକୁ ତାର ଭାଇ ଭଉଣୀ ବା ଅନ୍ୟ ସାଙ୍ଗମାନଙ୍କ ସହ ତୁଳନା କରିବେ ନାହିଁ ।

- ଦଣ୍ଡଦେବେ ନାହିଁ
- ସମାଲୋଚନା କରିବେ ନାହିଁ ।
- ପାଣି ଖେଳିବା, କଣ୍ଢେଇ ଖେଳିବା, ନାଚିବା, ଅଭିନୟ କରିବା, ଗୀତ ଗାଇବା କାମକୁ ଶିଖାଇବା ପାଇଁ ସୁଯୋଗ ସୃଷ୍ଟି କରିବେ ।

### ସାମାଜିକ ବିକାଶ ପାଇଁ କାର୍ଯ୍ୟ

- ଜିନିଷକୁ ଅନ୍ୟମାନଙ୍କ ସହ ବାଣ୍ଟିବା, ଦଳଗତ କାର୍ଯ୍ୟରେ ଅଂଶଗ୍ରହଣକରିବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ସୁଯୋଗ ଦେବେ ।

### ଭାଷାଗତ ବିକାଶ ପାଇଁ କାର୍ଯ୍ୟ

- ଗପ କହିବା, ଗପକୁ ଅଭିନୟ କରି ଦେଖାଇବା, ଗୀତ ଗାଇବା, ପ୍ରାକ୍‌ପଠନ ଓ ପ୍ରାକ୍‌ଲିଖନ କରାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବେ ।

### ମାନସିକ/ବୌଦ୍ଧିକ ବିକାଶ ପାଇଁ କାର୍ଯ୍ୟ

- ଛୋଟରୁ ବଡ଼ ବା ବଡ଼ରୁ ଛୋଟ ଅନୁଯାୟୀ ଜିନିଷକୁ କ୍ରମରେ ସଜାଡ଼ିବା ।
- ବସ୍ତୁଗୁଡ଼ିକ ବର୍ଗୀକରଣ କରିବା (ରଙ୍ଗ, ଆକାର, ଆକୃତି, ଖଦଡ଼ା-ଚିକ୍‌କଣ, ସ୍ୱାଦ ଆଧାରରେ)
- ତୁଳନା କରିବା (ଥଣ୍ଡା-ଗରମ-ନରମ, ଟାଣ, ପାଖ-ଦୂର, ବଡ଼-ସାନ ଇତ୍ୟାଦି ଆଧାରରେ) ପାଇଁ ସୁଯୋଗ ଦେବେ ।

দ্বিতীয় দিবস

## ପ୍ରଥମ ଅଧିବେଶନ

# ସାଧନକର୍ମୀଙ୍କ ଦ୍ୱାରା ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଶିକ୍ଷଣ କାର୍ଯ୍ୟ

ସାଧାରଣତଃ ଶିଶୁମାନେ ଅତ୍ୟନ୍ତ ଖେଳପ୍ରିୟ । ସେମାନେ ଚିତ୍ରରେ ରଙ୍ଗଦେବା, କଣ୍ଢେଇନାଚରେ ଅଂଶ ଗ୍ରହଣ କରିବା, ଦୌଡ଼ାଦୌଡ଼ି କରିବା, ତଥା ଘର ଭିତରେ ଓ ବାହାରେ ଅନେକ ପ୍ରକାରର ଖେଳ ଖେଳିଥାନ୍ତି । ସେମାନଙ୍କୁ ଭଲ ଲାଗୁଥିବା କାମଗୁଡ଼ିକ ମାଧ୍ୟମରେ ସେମାନେ ବର୍ଣ୍ଣମାଳା, ଭାଷା, ସଂଖ୍ୟାଗଣନା, ରଙ୍ଗ, ଆକୃତି, ଇତ୍ୟାଦି ଅତି ସହଜରେ ଖେଳିଖେଳି ଶିଖିଥାନ୍ତି । ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷାର ଲକ୍ଷ୍ୟ ହେଉଛି ଶିଶୁମାନଙ୍କର ଶାରୀରିକ ଓ ମାଂସପେଶୀୟ ବିକାଶ କରିବା, ସାମାଜିକ ଏବଂ ଭାବ ବିନିମୟ ଦକ୍ଷତାର ବିକାଶ କରିବା, ଭାଷାର ବିକାଶ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ବିକାଶ କରିବା । ତେବେ ପିତାମାତା/ଅଭିଭାବକମାନେ, ୩ରୁ ୬ବର୍ଷ ବୟସର ଶିଶୁ, ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କର ବିଭିନ୍ନ ଦିଗରେ ହୋଇଥିବା ବିକାଶ ଏବଂ ବିକାଶର ଲକ୍ଷଣକୁ ବୁଝିବା ପାଇଁ ଏହି ଅଧିବେଶନ ଉଦ୍ଦିଷ୍ଟ ।

**ପ୍ରତ୍ୟାଶିତ ଫଳାଫଳ-**

ଏହି ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ

- ବିକାଶାତ୍ମକ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟଗୁଡ଼ିକର ଉପାଦେୟତା ବର୍ଣ୍ଣନା କରିବେ ।

### ସୋପାନ-୧ :

**ସାମଗ୍ରୀ - ବେଲୁନ, ରବର, ସୂତା**

### କାର୍ଯ୍ୟ ୧ : ବେଲୁନ ଖେଳ

ସାଧନକର୍ମୀ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଗୋଲାକାରରେ ଠିଆ ହେବା ପାଇଁ ସୂଚନା ଦେବେ । ବସିଥିବା ସ୍ଥାନରୁ ନିର୍ଦ୍ଦିଷ୍ଟ ଏକ ଦୂରତାରେ ଚକ୍ ସାହାଯ୍ୟରେ ଏକ ବଡ଼ ଗୋଲ ଆଙ୍କିବେ । ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଗୋଟିଏ ବେଲୁନ ଓ ସୂତା ଦିଆଯିବ । ବେଲୁନରେ ନିଜର ନାମ ଲେଖିବାକୁ ସୂଚନା ଦେବେ । ଲେଖିବା ସମୟରେ ବେଲୁନଟି ଯେମିତି ଫାଟି ନଯାଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ସୂଚନା ଦେବେ ।

ଅଂଶଗ୍ରହଣକାରୀଙ୍କୁ ଏପରି ଏକ ଖେଳ ଖେଳିବାକୁ ଖେଳିବାକୁ ସୂଚନା ଦେବେ ଯେଉଁଥିରେ ସମସ୍ତେ ନିଜ ନିଜର ବେଲୁନକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରିବେ ।

ଯାହାର ବେଲୁନ, ଖେଳ ଶେଷରେ ନିଜ ହାତରେ ରହିଯିବ ସେ ବିଜେତା ବୋଲି ଘୋଷିତ ହେବେ ଓ ତାଙ୍କୁ ସମସ୍ତେ ଉତ୍ସାହିତ କରିବେ । ଆବଶ୍ୟକ ସ୍ଥଳେ ସାଧନକର୍ମୀ ସହାୟତା ପ୍ରଦାନ କରିବେ ।

**ଖୋଲା ଆଲୋଚନା -**

୧. ଜିତିବା ପରେ ଆପଣଙ୍କୁ କେମିତି ଲାଗୁଛି ?

୨. ଜିତିବା ପାଇଁ ଆପଣ କଣ କରିଥିଲେ ? (ଯିଏ ବିଜୟ ଲାଭ କରିଥିବେ ତାଙ୍କୁ ପଚରାଯିବ ।)

୩. ସୂଚନା କ'ଣ ଥିଲା ?

୪. କଣ କରିଥିଲେ ସମସ୍ତେ ବିଜେତା ହୋଇଥାନ୍ତେ ?

**ଏହି କାର୍ଯ୍ୟରୁ କ'ଣ ଶିଖିଲେ ?**

ନିଜେ ଶିଖିବା ସହ ଅନ୍ୟଙ୍କୁ ଶିଖିବା ପାଇଁ ସୁଯୋଗ ଦେବା

## ସୋପାନ-୨ : ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା

### କାର୍ଯ୍ୟ- ୧ : ବ୍ୟକ୍ତିଗତ କାର୍ଯ୍ୟ

**ଆବଶ୍ୟକ ସାମଗ୍ରୀ:**

**A4 କାଗଜ, ସ୍କେଚ ପେନ, ପେନସିଲ, ଅଠା, ରଙ୍ଗୀନ କାଗଜର ଟୁକୁରା ଅଂଶ**

ସାଧନକର୍ମୀ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ପେପରଟିଏ (A4) ଦେବେ । ସେ ନିଜର ବାମ ହାତର ପାପୁଲିକୁ ଖାତା ଉପରେ ଖୋଲି କରି ରଖିବେ । ପେନସିଲ ସାହାଯ୍ୟରେ ନିଜ ପାପୁଲି ଓ ଆଙ୍ଗୁଳିର ଚତୁଃପାର୍ଶ୍ୱରେ ଗାର ଟାଣିବେ । ତାପରେ ସ୍କେଚ ପେନ ସାହାଯ୍ୟରେ ଏହାକୁ ଚିତ୍ରିତ କରିବେ । ଦିଆଯାଇଥିବା ଟୁକୁରା ରଙ୍ଗୀନ କାଗଜରେ ଅଠା ଲଗାଇ ଏହି ପାପୁଲି ଚିତ୍ରକୁ ସଂପୂର୍ଣ କରିବା ପାଇଁ ସୂଚନା ଦେବେ ।

**ପ୍ରଶ୍ନ-**

- ଏହି କାର୍ଯ୍ୟଟି ଆପଣଙ୍କୁ କିପରି ଲାଗିଲା ?

### କାର୍ଯ୍ୟ-୨ : ଦଳଗତ କାର୍ଯ୍ୟ (ଦିଆଯାଇଥିବା କାର୍ଯ୍ୟକୁ ସଂପୂର୍ଣ୍ଣ କରିବେ)

ଡ୍ରଇଂ ସିଟ୍, ପେନସିଲ ସ୍କେଚ ପେନ

ଅଂଶ ଗ୍ରହଣକାରୀ ୬ଟି ଦଳରେ ବିଭକ୍ତ ହେବେ । ପ୍ରତ୍ୟେକ ଦଳକୁ ଡ୍ରଇଂ ସିଟ୍, ସ୍କେଚ ପେନ୍ ଦିଆଯିବ । ଅଂଶଗ୍ରହଣକାରୀଙ୍କୁ ନିଜ ମନପସନ୍ଦର କୌଣସି ଏକ ଚିତ୍ର ଅଙ୍କନ କରିବା ପାଇଁ ସୂଚନା ଦିଆଯିବ । ଦଳରେ ଥିବା ସମସ୍ତ ଅଂଶଗ୍ରହଣକାରୀ ମିଶି ଚିତ୍ରଟିକୁ ସଂପୂର୍ଣ୍ଣ କରିବେ । Music ବାଜିବା ଆରମ୍ଭ ହେବା କ୍ଷଣି ଦଳର ଯେ କୌଣସି ଅଂଶଗ୍ରହଣକାରୀ ଚିତ୍ର କରିବା କାର୍ଯ୍ୟ ଆରମ୍ଭ କରିବେ । Music ବନ୍ଦ ହେଲେ ଚିତ୍ର ଅଙ୍କନ ବନ୍ଦ ହେବ ଓ କାଗଜଟି ଅନ୍ୟ ଜଣେ ଅଭିଭାବକଙ୍କ ନିକଟକୁ ଦେବେ । ପୁଣି Music ବାଜିବା କ୍ଷଣି ସେ ଚିତ୍ର କରିବା ଆରମ୍ଭ କରିବେ ଓ ଗୀତ ବନ୍ଦ ହେବା ପର୍ଯ୍ୟନ୍ତ ଚିତ୍ର କରିବା ଜାରି ରଖିବେ । ଚିତ୍ରଟି ଶେଷ ହେବା ପର୍ଯ୍ୟନ୍ତ କାର୍ଯ୍ୟଟି ଏହିପରି ଜାରି ରହିବ ।

**ପ୍ରଶ୍ନ -**

ଏହି କାର୍ଯ୍ୟଟି ଆପଣଙ୍କୁ କିପରି ଲାଗିଲା ?

ପିଲାମାନେ ଏପରି କାର୍ଯ୍ୟ କରିପାରିବେ କି ?

ଏପରି କାର୍ଯ୍ୟ କଲେ ପିଲାମାନଙ୍କର କ'ଣ ଲାଭ ହେବ ?

ଆପଣ ଏହିପରି ଆଉ କେତୋଟି କାର୍ଯ୍ୟର ଉଦାହରଣ ଦିଅନ୍ତୁ ?

## ସୋପାନ-୩

### କାର୍ଯ୍ୟ-୩ ସମୂହ କାର୍ଯ୍ୟ

ସାଧନକର୍ମୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଗୋଲାକାରରେ ବସାଇ ଜଣେ ଅଂଶଗ୍ରହଣକାରୀଙ୍କୁ ନିଜ ମନରୁ ଏକ ବାକ୍ୟ କହିବାକୁ କହିବେ । ତା ପରେ ସେହି ବାକ୍ୟ ସମ୍ପର୍କିତ ଆଉ ଏକ ବାକ୍ୟ ଅନ୍ୟ ଜଣେ ଅଂଶଗ୍ରହଣକାରୀଙ୍କୁ କହିବା ପାଇଁ ସୂଚନା ଦେବେ । ଏହିପରି କାର୍ଯ୍ୟଟି କ୍ରମାନ୍ୱୟରେ ଚାଲିବ । ସାଧନକର୍ମୀ ଧ୍ୟାନ ରଖିବେ ଯେପରି ସମସ୍ତ ଅଂଶଗ୍ରହଣକାରୀ ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରିବେ । ସମସ୍ତେ ଏପରି ବାକ୍ୟ କହିବେ ଯେପରି ଶେଷରେ ଏକ ଅର୍ଥପୂର୍ଣ୍ଣ ସଂପୂର୍ଣ୍ଣ ଗଳ୍ପଟିଏ ହୋଇପାରୁଥିବ । ଜଣା ବା ଅଜଣା ଗଳ୍ପରୁ ବାକ୍ୟଟିଏ ମୂଳ ବାକ୍ୟ ଭାବରେ ନିଆଯାଇପାରେ ।

**ପ୍ରଶ୍ନ-**

- ଏହି କାର୍ଯ୍ୟଟି ଆପଣଙ୍କୁ କିପରି ଲାଗିଲା ?
- ଏମିତି କାର୍ଯ୍ୟ କରିବା ଦ୍ୱାରା ଆପଣଙ୍କ ଶିଶୁର କେଉଁ ସବୁ ବିକାଶ ସାଧିତ ହୋଇପାରିବ ?

**ଉ-** ଶିଶୁଟିର କଥା କହିବାର କୌଶଳ ବଢ଼ିବ, ଛୋଟ ଛୋଟ ଗଳ୍ପ କହିବାରେ ସମର୍ଥ ହେବ, ଅର୍ଥପୂର୍ଣ୍ଣ ଶବ୍ଦକୁ ଜାଣିବ, ଶିଶୁର କଳ୍ପନା ଶକ୍ତିର ଅଭିବୃଦ୍ଧି ହେବ ।

## କିମ୍ବା

### ଅଭିନୟ ସଙ୍ଗୀତ

ସାଧନକର୍ମୀ ପ୍ରଥମେ ଅଭିନୟ ସହ ଗୀତଟିକୁ ସ୍ୱର ଦେବେ । ସାଧନକର୍ମୀ, ଅଂଶଗ୍ରହଣକାରୀଙ୍କୁ ଛିଡ଼ା ହେବାକୁ ସୂଚନା ଦେବେ । ପ୍ରତ୍ୟେକ ଅଂଶଗ୍ରହଣକାରୀ ନିମ୍ନଲିଖିତ ଗୀତଟିକୁ ଅଭିନୟ ସହ ଗାଇବେ । ପ୍ରତ୍ୟେକ ଅଂଶଗ୍ରହଣକାରୀ ଭିନ୍ନ ଭିନ୍ନ ଢ଼ଙ୍ଗରେ କବିତା/ଗୀତଟିକୁ ସ୍ୱର ଦେବା ପାଇଁ ଚେଷ୍ଟା କରିବେ ।

**ଗୀତ-**

ଝୁମୁରୁ ଝାଇଁ   ଝୁମୁରୁ ଝାଇଁ
        କହିଲା ଆସି ବଉଳା ଗାଈ ।
 କେରାଏ ଘାସ ଦିଅ,
        ଦେଉଛି କ୍ଷୀର ନିଅ...
ମାଙ୍କଡ଼ ଧରି କାକୁଡ଼ି କଷି,
        କହିଲା ଆସି ଗାଈକୁ ହସି ।
କାକୁଡ଼ି ମୋର ନିଅ,
        କ୍ଷୀର ଟୋପାଏ ଦିଅ...
କହିଲା ତାକୁ ବଉଳା ଗାଈ,
        କ୍ଷୀର ତୋ ପାଇଁ ନାହିଁରେ ନାହିଁ
        କ୍ଷୀର ପାଇଁ ତୁ ଆସିବୁ ଯଦି
                ପାଇବୁ ଦୁଇ ନାତ.... ।

**ପ୍ରଶ୍ନ-**

- ଏହି ଗୀତଟି ଆପଣମାନଙ୍କୁ କିପରି ଲାଗିଲା ?
- ଏହିପରି ଗୀତ ବୋଲିବା ଦ୍ୱାରା ଆପଣଙ୍କ ଶିଶୁର କେଉଁ ସବୁ ବିକାଶ ସାଧିତ ହୋଇପାରିବ ?

**ଉ-** ଶିଶୁଟିର ଗୀତ ଗାଇବାର ଶୈଳୀ, ଅଭିନୟର କୌଶଳ, ଭାବନା ଶକ୍ତିର ଅଭିବୃଦ୍ଧି, ଧ୍ୱନି ସହ ଶବ୍ଦକୁ ଜାଣିବା ଇତ୍ୟାଦି, ଏମିତି ଅନେକ ଗୀତ ବୋଲିବା ଫଳରେ ବିକଶିତ ହେବ ।



## ସୋପାନ-୪ :

### କାର୍ଯ୍ୟ-୧ : ବ୍ୟକ୍ତିଗତ କାର୍ଯ୍ୟ- ଡିଆଁ ଦୌଡ଼

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କର ଏକ ଡେଇଁବା ପ୍ରତିଯୋଗିତା କରାଇବେ । ସମସ୍ତ ଅଂଶଗ୍ରହଣକାରୀ ଶ୍ରେଣୀ କୋଠରୀର ଏକ ପାଖରେ ଧାଡ଼ିରେ ଛିଡ଼ା ହେବେ । ପ୍ରତ୍ୟେକ ଅଂଶଗ୍ରହଣକାରୀ ନିଜର ଦୁଇପାଦକୁ ଯୋଡ଼ି ଶ୍ରେଣୀର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଡେଇଁ ଡେଇଁ ଯିବେ । ଯେଉଁ ଅଂଶଗ୍ରହଣକାରୀ ପ୍ରଥମେ ପହଞ୍ଚିବେ, ତାଙ୍କୁ ସମସ୍ତ ଅଂଶଗ୍ରହଣକାରୀ କରତାଳି ଦେଇ ଅଭିନନ୍ଦନ ଜଣାଇବେ । ଏହିପରି ଦ୍ୱିତୀୟ ଓ ତୃତୀୟ ହୋଇଥିବା ଅଂଶଗ୍ରହଣକାରୀଙ୍କୁ ଚିହ୍ନଟ କରାଯିବା ସହ କରତାଳି ସହିତ ଅଭିନନ୍ଦନ ଜଣାଯିବ ।

### କାର୍ଯ୍ୟ-୨ : ବଲ ଖେଳ

**ଭିନ୍ନ ରଙ୍ଗର ୧୦ଟି ବଲ, ବାଲଟି**

ସାଧନକର୍ମୀ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ଦୂରତାରେ ଛିଡ଼ା କରାଇ ଏକ ବାଲଟିରେ ବିଭିନ୍ନ ରଙ୍ଗର ୧୦ଟି ବଲକୁ ଗୋଟିଏ ଗୋଟିଏ କରି ପକାଇବା ପାଇଁ ସୂଚନା ଦେବେ । ବଲ ପକାଇବା ସମୟରେ ଅନ୍ୟ ସମସ୍ତେ କରତାଳି ଦେଇ ଉତ୍ସାହିତ କରୁଥିବେ । ପ୍ରତ୍ୟେକଙ୍କ ପାଇଁ ଖେଳଟି ୨ ମିନିଟ ପାଇଁ ଚାଲିବ । ନିର୍ଦ୍ଦିଷ୍ଟ ସମୟରେ କିଏ କେତୋଟି ବଲ ବାଲଟିରେ ପକାଇଲେ, ଏକ ସାରଣୀରେ ସାଧନକର୍ମୀ ଲିପିବଦ୍ଧ କରିବେ । ସର୍ବାଧିକ ଥର ବଲ ପକାଇଥିବା ଅଂଶଗ୍ରହଣକାରୀଙ୍କୁ କରତାଳି ଦେଇ ଉତ୍ସାହିତ କରୁଥିବେ ।

ଖୋଲା ଆଲୋଚନା -

- ଆମେ ଏହି ଅଧିବେଶନରେ କେଉଁ ସବୁ କାର୍ଯ୍ୟ କଲେ ?
- ଏପରି କାର୍ଯ୍ୟରୁ ଶିଶୁର କେଉଁ ସବୁ ଦିଗର ବିକାଶ ସାଧିତ ହୋଇପାରିବ ?
- ସେଥିରୁ ଆପଣମାନେ ଘରେ କୌଣସି କାର୍ଯ୍ୟ କରୁଛନ୍ତି କି ?
- ଆଉ କେଉଁ କାର୍ଯ୍ୟ କଲେ ଆପଣଙ୍କ ଶିଶୁର ବିଭିନ୍ନ ଦିଗର ବିକାଶ ସାଧନ ହୋଇପାରିବ ?

**ଉତ୍ତର:**

| କାର୍ଯ୍ୟର ନାମ | ଶିଶୁର କେଉଁ ଦିଗର ବିକାଶ ହେବ ? | ଏହାପାଇଁ କେଉଁ ସବୁ କାମ କରାଯାଇପାରେ ? |
|---|---|---|
| ପ୍ରଥମ କାର୍ଯ୍ୟ-ବେଲୁନ ଖେଳ | ଶାରୀରିକ ବିକାଶ | |
| ୨ୟ କାର୍ଯ୍ୟ-କୋଲାଜ | ସୂକ୍ଷ୍ମ ମାଂସପେଶୀର ବିକାଶ ହେବ । | |
| ୩ୟ କାର୍ଯ୍ୟ- ଗଳ୍ପ | ଭାଷାର ବିକାଶ | |
| ୪ର୍ଥ କାର୍ଯ୍ୟ- ଅଭିନୟ ସଂଗୀତ | ଶାରୀରିକ ବିକାଶ, ସାମାଜିକ ବିକାଶ, ଆବେଗିକ ବିକାଶ, ଭାଷାର ବିକାଶ | |
| ୫ମ କାର୍ଯ୍ୟ- ଡିଆଁ ଦୌଡ଼ ବଲ ଖେଳ | ଶାରୀରିକ ବିକାଶ (ସ୍ଥୁଳ ମାଂସପେଶୀର ବିକାଶ), ଗଣନ | |

## ଦ୍ୱିତୀୟ ଅଧିବେଶନ

# ଅଂଶଗ୍ରହଣକାରୀଙ୍କ ଦ୍ୱାରା ଦଳଗତ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା

ବିକାଶ ଆଧାରିତ ଲକ୍ଷ୍ୟ ହାସଲ ନିମନ୍ତେ ଅଙ୍ଗନୱାଡ଼ି କର୍ମୀମାନେ ଅଙ୍ଗନୱାଡ଼ିରେ ବିଭିନ୍ନ ପ୍ରକାର ଶିକ୍ଷଣ କାର୍ଯ୍ୟର ପରିଚାଳନା କରନ୍ତି । ଅଙ୍ଗନୱାଡ଼ି କର୍ମୀମାନେ ଶିଶୁର ପାରିବାରିକ ସ୍ଥିତି ବୁଝିବା ସହ ଶିଶୁର ଆବଶ୍ୟକତାକୁ ବୁଝିବା ଯେତିକି ଆବଶ୍ୟକ, ପିତାମାତାମାନେ ମଧ୍ୟ ଅଙ୍ଗନୱାଡ଼ିର କାର୍ଯ୍ୟଧାରାକୁ ବୁଝିବା ଓ ସହଯୋଗ କରିବା ସେତିକି ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ପିତାମାତାମାନେ ଅଙ୍ଗନୱାଡ଼ିରେ ହେଉଥିବା ଶିକ୍ଷଣକାର୍ଯ୍ୟକୁ ବୁଝି ସେହି ପ୍ରକାରର ଶିକ୍ଷଣକାର୍ଯ୍ୟ ଶିଶୁକୁ ଘରେ ମଧ୍ୟ ଅଭ୍ୟାସ କରାଇବେ, ଯାହାଦ୍ୱାରା ଶିଶୁର ବୟସ ଉପଯୋଗୀ ବିକାଶ ଆଧାରିତ ଲକ୍ଷ୍ୟ / ସାମଗ୍ରିକ ବିକାଶ ହାସଲ ହେବ ।

**ପ୍ରତ୍ୟାଶିତ ଫଳାଫଳ:** ଏହି ଅଧିବେଶନରେ ଅଂଶଗ୍ରହଣକାରୀ,

- ବିକାଶ ମୂଳକ ଲକ୍ଷ୍ୟ ଆଧାରିତ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବେ ଓ ଉପସ୍ଥାପନା କରିବେ ।

### କାର୍ଯ୍ୟ-୧ (ଆସ ବର୍ଣ୍ଣାଳୀ କରିବା- ସକ୍ରିୟାତ୍ମକ କାର୍ଯ୍ୟ)

ସାଧନକର୍ମୀ ପ୍ରଶିକ୍ଷଣ ଶିବିର ବାହାରେ ଉପଲବ୍ଧ ଥିବା ସ୍ଥାନରେ ୬ଟି ଦଳ ନିମନ୍ତେ ୬ଟି ସ୍ଥାନ ଚିହ୍ନଟ କରି ରଖିଥିବେ, ଯେପରିକି ପ୍ରତ୍ୟେକ ସ୍ଥାନରେ ଏକ ସୁଦୃଶ୍ୟ ବର୍ଣ୍ଣାଳୀଟିଏ ପ୍ରସ୍ତୁତ କରାଯାଇପାରୁଥିବ । ସାଧନକର୍ମୀ ପ୍ରତ୍ୟେକ ସ୍ଥାନରେ ବର୍ଣ୍ଣାଳୀ ପ୍ରସ୍ତୁତି ପାଇଁ ଆବଶ୍ୟକ ପରିମାଣର ଫୁଲ, ପତ୍ର, ଗୋଡ଼ି, ମଞ୍ଜି, ମୁରୁଜ ଇତ୍ୟାଦି ଉପଲବ୍ଧ ସାମଗ୍ରୀ ରଖିବେ ।

**ସାମଗ୍ରୀ : ଫୁଲ, ପତ୍ର, ଗୋଡ଼ି, ମଞ୍ଜି, ମରୁଜ ଇତ୍ୟାଦି ।**

### ଅଂଶଗ୍ରହଣକାରୀଙ୍କୁ ସାଧନକର୍ମୀଙ୍କ ସୂଚନା-

- ପ୍ରଶିକ୍ଷଣ ଶିବିର ବାହାରେ ଥିବା ଉପଲବ୍ଧ ସ୍ଥାନରେ ୬ଟି ସ୍ଥାନ ସୂଚିତ ହୋଇଛି ।
- ପ୍ରତିଟି ସ୍ଥାନରେ ଅତି ବେଶିରେ ୫ ଜଣ ଲେଖାଏଁ ଅଂଶଗ୍ରହଣକାରୀ ରହିବେ ।
- ସାଧନକର୍ମୀ ବେଲ୍ ବଜାଇ କାର୍ଯ୍ୟ ଆରମ୍ଭର ସୂଚନା ଦେବେ, ଅଂଶଗ୍ରହଣକାରୀମାନେ ଶିବିର ବାହାରକୁ ଯାଇ ନିଜ ଦଳ ଅନୁସାରେ ସ୍ଥାନ ବାଛିନେବେ ଓ ଦିଆଯାଇଥିବା ସାମଗ୍ରୀକୁ ବ୍ୟବହାର କରି ଦଳରେ ବର୍ଣ୍ଣାଳୀ ପ୍ରସ୍ତୁତ କରିବେ ।
- ଏଥିନିମନ୍ତେ ୧୦ ମିନିଟ୍ ସମୟ ଦିଆଯିବ ।
- ସାଧନକର୍ମୀ ପୁନର୍ବାର ବେଲ୍ ବଜାଇ କାର୍ଯ୍ୟ ସମାପ୍ତିର ସୂଚନା ଦେବେ ।
- ସୁନ୍ଦର ହୋଇଥିବା ବର୍ଣ୍ଣାଳୀର ଅଂଶଗ୍ରହଣକାରୀମାନଙ୍କୁ କରତାଳି ଦେଇ ଉତ୍ସାହିତ କରାଯିବ ।

ସାଧନକର୍ମୀ ସେହି ଦଳଗୁଡ଼ିକୁ ସଂଗୀତ, ମିତ, ବଉଳ, ଚାନ୍ଦ, ଫୁଲ ଓ ମକର ଏହିପରି ୬ଟି ନାମରେ ନାମିତ କରିବେ ଓ ପ୍ରତ୍ୟେକ ଦଳ ପାଇଁ ଦଳପତି ଚୟନ କରିବେ । ଅଂଶଗ୍ରହଣକାରୀ ଶିବିର ମଧ୍ୟକୁ ଆସିବା ପରେ ସାଧନକର୍ମୀ ନିମ୍ନ ପ୍ରଶ୍ନ ଗୁଡ଼ିକ ପଚାରିବେ ।

### ଖୋଲା ଆଲୋଚନା (୧୦ ମିନିଟ)

୧. ଏହି କାମଟି ଆପଣଙ୍କୁ କିପରି ଲାଗିଲା ?

୨. ଏଥିରୁ ଆପଣମାନେ କ'ଣ ଶିଖିଲେ ?

୩. ଶିଶୁଟିଏ କ'ଣ ସବୁ ଶିଖିବାର ସୁଯୋଗ ରହିଛି ?

### ଶିଶୁ ନିମ୍ନୋକ୍ତ ଶିକ୍ଷଣ ସହିତ ଆହୁରି ଅନେକ କଥା ଶିଖିବ । ଯଥା:-

- ବିଭିନ୍ନ ରଙ୍ଗକୁ ଚିହ୍ନଟ କରିବା
- ଫୁଲର ନାମ କହିବ, ପତ୍ରର ଆକାର ସମ୍ବନ୍ଧରେ ବାର୍ତ୍ତାଳାପ କରିବ ।
- ସମାନ ଫୁଲ, ପତ୍ର, ଗୋଡ଼ି, ମଞ୍ଜିକୁ ନେଇ ବିଭିନ୍ନ ପ୍ରକାରର ଆକାରର ବର୍ଣ୍ଣାଳୀ ପ୍ରସ୍ତୁତ କରାଯାଇପାରେ ବୋଲି କହିବ ।

### କାର୍ଯ୍ୟ-୨ (ନିଜେ କରି ଶିଖିବା)

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଦଳରେ ନିମ୍ନ ମତେ କାର୍ଯ୍ୟ ବଣ୍ଟନ କରିବେ । ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ନ୍ୟସ୍ତ କରିଥିବା କାର୍ଯ୍ୟର ଗୋଟିଏ ବା ଦୁଇଟି ଉଦାହରଣ ଦେବେ (ସାଧନକର୍ମୀଙ୍କ ନିମନ୍ତେ ସୂଚନା ଫର୍ଦ୍ଦ ଦେଖନ୍ତୁ, ଆବଶ୍ୟକ ସ୍ଥଳେ ସାଧନକର୍ମୀ ପରିବର୍ତ୍ତନ କରିପରିବେ ।) ପ୍ରତିଟି ଦଳ ସାଧନକର୍ମୀଙ୍କ ସୂଚନା ଅନୁସାରେ କାର୍ଯ୍ୟ କରିବେ । ଦଳଗତ କାର୍ଯ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ସାଧନକର୍ମୀ ଯୋଗାଇଦେବେ ।

## ଦଳଗତ କାର୍ଯ୍ୟ-

**ଦଳପାଇଁ ସୂଚନା: (ସାଧନକର୍ମୀ କଳାପଟାରେ ଲେଖିବେ)**

| ଦଳର ନାମ | ଦଳକୁ ଦିଆଯାଇଥିବା କାମ |
|---|---|
| ସଂଗୀତ | ପିଲା କଥା ଓ କାମ ମାଧ୍ୟମରେ ସବୁ ଭାବନାକୁ ପ୍ରକାଶ କରିବ । |
| ମିତ | ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବହାର କରି ବିଭିନ୍ନ କାମ କରିବ । |
| ବଉଳ | ପିଲଟି ନିଜର ଇଚ୍ଛା ଓ ଅନିଚ୍ଛାକୁ ପ୍ରକାଶ କରିବ । |
| ଚାନ୍ଦ | ଗୀତ / ଲୋରିରେ ବାରମ୍ବାର ଆସୁଥିବା ଧ୍ୱନି ବା ଶବ୍ଦକୁ ଚିହ୍ନିବ |
| ଫୁଲ | ୫ ପର୍ଯ୍ୟନ୍ତ ସମ ଜାତୀୟ ବା ବିଷମ ଜାତୀୟ ଜିନିଷକୁ ଗଣିବ |
| ମକର | ୪-୫ ବସ୍ତୁକୁ ଏକାଥରକେ ଦେଖି ମନେ ରଖି ତାର ନାମ କହିବ । |

## ଦଳଗତ ଉପସ୍ଥାପନା

ପ୍ରତି ଦଳର ଅଂଶଗ୍ରହଣକାରୀ ଦଳରେ ଆଲୋଚନା କରି, ସେମାନଙ୍କ ପିଲାମାନେ ଉପରୋକ୍ତ କାମଟି କିପରି କରି ଶିଖିବେ, ତାହାର ଏକ ବର୍ଣ୍ଣନାତ୍ମକ ଉପସ୍ଥାପନ କରିବେ ।

ପ୍ରତି ଦଳର ଉପସ୍ଥାପନ ପରେ ନିମ୍ନ ପ୍ରଶ୍ନଗୁଡ଼ିକ ପଚାରାଯିବ ।

୧. ଏହି କାମଟି ଆପଣଙ୍କୁ କିପରି ଲାଗିଲା ?

୨. ଏହି କାମରୁ ପିଲାମାନେ କ'ଣ ଶିଖିବେ ?

୩. ଏହି କାମଟି ଶିଶୁବିକାଶର କେଉଁ ଦିଗକୁ ହାସଲ କରିବାରେ ସାହାଯ୍ୟ କରିବ ?

୪. ଏହି ଦିଗଗୁଡ଼ିକର ବିକାଶ ପାଇଁ ଆଉ କେଉଁ ସବୁ କାର୍ଯ୍ୟ କରାଯାଇପାରିବ ?

## ସଂକ୍ଷେପଣ (୧୦ ମିନିଟ)

ସାଧନକର୍ମୀ ଶିଶୁର ସାମଗ୍ରିକ ବିକାଶ ନିମନ୍ତେ ଅଙ୍ଗନୱାଡ଼ିରେ ହେଉଥିବା କାମକୁ ପିତାମାତା କିପରି ନିଜ ପିଲାମାନଙ୍କୁ ଘରେ ଅଭ୍ୟାସ କରାଇବେ ଓ ସେଥିପାଇଁ ଅଙ୍ଗନୱାଡ଼ିକର୍ମୀ ଓ ଅନ୍ୟମାନଙ୍କର ସହାୟତା ନେବେ ସେ ବିଷୟରେ ଆଲୋଚନା କରି ସଂକ୍ଷେପଣ କରିବେ ।

# ସାଧନକର୍ମୀଙ୍କ ପାଇଁ ସୂଚନା

## ସାଧନକର୍ମୀଙ୍କ ନିମନ୍ତେ ସୂଚନା

ଅଂଶଗ୍ରହଣକାରୀଙ୍କ ଦ୍ୱାରା ଉପସ୍ଥାପନ ପରେ

ସାଧନକର୍ମୀ ଆବଶ୍ୟକସ୍ଥଳେ ନିମ୍ନରେ ଦିଆଯାଇଥିବା ଉଦାହରଣ କହିପାରନ୍ତି । ପିଲା କଥା ଓ କାମ ମାଧ୍ୟମରେ ସବୁ ଭାବନାକୁ ପ୍ରକାଶ କରିବ ।

### ଅଭିନୟ ସଂଗୀତ:

ଜଣେ ଅଂଶଗ୍ରହଣକାରୀ ଗୀତଟିକୁ ଅଭିନୟ ସହ ଗାଇବେ ଓ ଅନ୍ୟମାନେ ଅନୁକରଣ କରିବେ ।

ତାପରେ ସେ କେବଳ ସ୍ୱରର ଉତ୍‌ଥାନ ପତନ ସହ ଗାଇବେ ଓ ଦଳର ଅନ୍ୟମାନେ ଅଭିନୟ କରିବେ ।

"କୁନିର କଣ୍ଢେଇ ରାଗିଛି,<br>
ମୁହଁକୁ ଫୁଲେଇ ବସିଛି,<br>
ନାକ ଫଁ ଫଁ କରୁଛି,<br>
ଖାଇବାକୁ ମନା କରୁଛି"

ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବହାର କରି ବିଭିନ୍ନ କାମ କରିବ ।

- **କସରତ କରିବା:**

ଜଣେ ଏକରୁ ଚାରି ବା ଏକରୁ ଆଠ ଗଣିବେ । ଅନ୍ୟମାନେ ହାତ ଓ ଗୋଡ଼ ହଲାଇ କସରତ /ବ୍ୟାୟାମ କରିବେ ।

- **ମୌଖିକ ନିର୍ଦ୍ଦେଶ ଅନୁସାରେ କାମ :**

କୌଣସି ବସ୍ତୁକୁ ଉଠାଇବା, ଅନ୍ୟ ଏକ ସ୍ଥାନରେ ରଖିବା, ବଲ ଫୋପାଡ଼ିବା, ଖେଳ, ଚିତ୍ର ଆଙ୍କିବା, ରଙ୍ଗ ଦେବା ଇତ୍ୟାଦି କାମ କରାଯାଇପାରେ ।

## ପିଲାଟି କ୍ରମାନୁସାରେ ବସ୍ତୁ/ଘଟଣା ସଜାଡ଼ିବ ।

- ପିଲାମାନେ ନିଜ ଦୈନନ୍ଦିନ କାର୍ଯ୍ୟକୁ କ୍ରମରେ କହିପାରନ୍ତି ।
- ଗପର ଚିତ୍ରକୁ କ୍ରମରେ ସଜାଡ଼ି ପାରନ୍ତି/ଗପକୁ କ୍ରମରେ କହିବେ ଛୋଟରୁ ବଡ଼ ବା ବଡ଼ରୁ ଛୋଟ ବସ୍ତୁକୁ କ୍ରମରେ ସଜାଡ଼ି ପାରିବେ ।

## ଅଭିନୟ ସଂଗୀତ:

ଏତେ ଏତେ ପାଣି, ଘୋ ଘୋ ରାଣୀ ।
ପାଦେ ପାଦେ ପାଣି, ଘୋ ଘୋ ରାଣୀ ।
ଆଣ୍ଠୁଏ ଆଣ୍ଠୁଏ ପାଣି, ଘୋ ଘୋ ରାଣୀ ।
ଅଣ୍ଟେ ଅଣ୍ଟେ ପାଣି, ଘୋ ଘୋ ରାଣୀ ।
ଛାତିଏ ଛାତିଏ ପାଣି, ଘୋ ଘୋ ରାଣୀ ।
ବେକେ ବେକେ ପାଣି, ଘୋ ଘୋ ରାଣୀ ।

ଗୀତ ଶେଷରେ ପଚରାଯିବ, କେଉଁ ଶବ୍ଦଟି ବାରମ୍ବାର ଶୁଣିବାକୁ ପାଉଛୁ ?

## ୫ ପର୍ଯ୍ୟନ୍ତ ସମ ଜାତୀୟ ବା ବିଷୟ ଜାତୀୟ ଜିନିଷକୁ ଗଣିବ ।

- ରୋଷେଇ ଘରୁ ୨ଟି ଜିନିଷ ଆଣ ।
- ୨ ବା ୩ଟି ଜିନିଷ ଦେଇ ଗଣିବାକୁ କୁହାଯିବ ।
- ୩ ବା ୪ଟି ଫୁଲର ନାମ କୁହ ।
- ହାତର ଆଙ୍ଗୁଠି ଗଣି କରି କୁହ ଇତ୍ୟାଦି ।

## ୪-୫ଟି ବସ୍ତୁକୁ ଏକାଥରକେ ଦେଖି ମନେ ରଖି ତାର ନାମ କହିବ

- ଶିବିରର କାନ୍ଥରେ କିଛି ଜିନିଷ ଟଙ୍ଗା ଯାଇଥିଲେ, ସମସ୍ତଙ୍କୁ ଭଲ ଭାବରେ ନୀରିକ୍ଷଣ କରିବାକୁ କୁହାଯିବ । ତାପରେ ଯେକୌଣସି ଜଣେ ଅଂଶଗ୍ରହଣକାରୀଙ୍କର ଆଖି ବନ୍ଦ କରି ସେହି ଜିନିଷର ନାମ କହିବାକୁ କୁହାଯିବ । କେଉଁଟି କାହାର ବାମରେ ବା ଡାହାଣରେ ଅଛି ? ତା ପାଖରେ କ'ଣ ଅଛି ବା ଦୂରରେ କ'ଣ ଅଛି ପଚରାଯିବ । ଠିକ୍ ଉତ୍ତର ଦେଲେ ତାଳି ମାରି ଉତ୍ସାହିତ କରାଯିବ ।
- କୌଣସି ଚିତ୍ର କାର୍ଡ଼ ଦେଖି ମନେ ରଖିବେ, ସେହି ଚିତ୍ରରେ କ'ଣ ସବୁ ଦେଖିଲେ କହିବେ ।
- ଶିବିର ବାହାରକୁ ଯାଇ ଯାହାସବୁ ଦେଖିଲେ, ମନେ ପକାଇ କହିବାକୁ କହିବେ ।

ଦ୍ୱିତୀୟ ଦିବସ

## ତୃତୀୟ ଅଧିବେଶନ

# ମାନ ନିର୍ଦ୍ଧାରଣ

ଶିଶୁମାନଙ୍କର ବିକାଶ କରିବା ପାଇଁ ଆମେ ଆମର ପିଲାମାନଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ପଠାଇଥାଉ । ସେମାନଙ୍କର କେତେଦୂର ପର୍ଯ୍ୟନ୍ତ ବିକାଶ ହୋଇଛି, ଜାଣିବା ପାଇଁ ଆମେ ମାନ ନିର୍ଦ୍ଧାରଣ କରିବା ଦରକାର । ମାନ ନିର୍ଦ୍ଧାରଣ କଲେ ଆମେ ଜାଣିପାରିବା ଯେ ସେମାନେ କେଉଁ ସ୍ତରରେ କାମ କରିପାରୁଛନ୍ତି ଓ ତାଙ୍କ ପାଇଁ ଆଉ ଅଧିକ କ'ଣ କରାଯାଇପାରେ । ଆଗରୁ ପିଲାମାନଙ୍କର ସବୁ ଦିଗରୁ (ସାମଗ୍ରିକ) ବିକାଶ ହୋଇଥିବା କଥା କୁହାଯାଇଛି, ଯେଉଁଥିରେ ଶାରୀରିକ, ମାନସିକ, ଭାଷାଗତ, ଆବେଗିକ, ସାମାଜିକ ଇତ୍ୟାଦି ଦିଗ ରହିଛି । ଏସବୁ ଦିଗରେ ପିଲାର ବିକାଶର ମାନ ନିର୍ଦ୍ଧାରଣ କରିବା ପାଇଁ ଅଙ୍ଗନୱାଡ଼ି କର୍ମୀ ଏକ ବିକାଶପତ୍ର ବ୍ୟବହାର କରନ୍ତି । ଏହି ବିକାଶପତ୍ରର ବିଭିନ୍ନ ଦିଗଗୁଡ଼ିକୁ ଏହି ଅଧିବେଶନରେ ଆଲୋଚନା କରାଯିବ ।

ପ୍ରତ୍ୟାଶିତ ଫଳାଫଳ – ଅଂଶଗ୍ରହଣକାରୀମାନେ

- ବିକାଶ ପତ୍ରରେ ଥିବା ସୂଚକ ଗୁଡ଼ିକୁ ବୁଝାଇବେ ।
- ବିକାଶ ପତ୍ର ଆଧାରରେ ନିଜ ପିଲାର ବିକାଶର ସ୍ତରକୁ ନିର୍ଦ୍ଧାରଣ କରିବେ ।

### ଶିକ୍ଷଣ କାର୍ଯ୍ୟ-୧ : ଦଳଗତ କାର୍ଯ୍ୟ

**ସାମଗ୍ରୀ - ପୁରୁଣା ଖବର କାଗଜ, ଶିଶୁ ବିକାଶ ପତ୍ର ୩-୪ ବର୍ଷ, ୪-୫ ବର୍ଷ ଓ ୫-୬ ବର୍ଷ ପିଲାଙ୍କ ପାଇଁ ।**

ଦଳ ଗଠନ- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ୩ଟି ଦଳରେ ବସାଇବେ ।

**ଦଳ**

୧. ୩ରୁ ୪ ବର୍ଷ ବୟସର ଶିଶୁ ମାନଙ୍କର ପିତାମାତା

୨. ୪ରୁ ୫ ବର୍ଷ ବୟସର ଶିଶୁ ମାନଙ୍କର ପିତାମାତା

୩. ୫ରୁ ୬ ବର୍ଷ ବୟସର ଶିଶୁ ମାନଙ୍କର ପିତାମାତା

ପ୍ରତ୍ୟେକ ଦଳକୁ ଶିଶୁ ବିକାଶ ପତ୍ର ପଢ଼ିବାକୁ ଦେବେ । ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଧିକ ଥିଲେ ଅଧିକ ଦଳ ଗଠନ କରିପାରିବେ । ୫ ମିନିଟ୍ ପଢ଼ିବାକୁ ଦିଆଯିବ । ଯେଉଁମାନେ କିଛି ପାଠ ପଢ଼ିନାହାନ୍ତି, ସେମାନଙ୍କୁ ପାଠ ପଢ଼ିଥିବା ଅଂଶ ଗ୍ରହଣକାରୀଙ୍କ ସହ ମିଶାଇ ଦଳ ଗଠନ କରିବେ ।

### ପ୍ରଶ୍ନ - ବିକାଶ ପତ୍ରରୁ କ'ଣ ବୁଝିଲେ ?

(ଦଳଗତ ଉପସ୍ଥାପନା ଅନୁସାରେ ଆଲୋଚନା ହେବ)

ଖୋଲା ଆଲୋଚନା- ଏହି ବିକାଶପତ୍ରରୁ ଆପଣ କେଉଁ ସବୁ ସୂଚନା ପାଉଛନ୍ତି ?

ଏହି ସୂଚନାଗୁଡ଼ିକୁ ନେଇ ଅଙ୍ଗନୱାଡ଼ି ଦିଦି ଶିଶୁମାନଙ୍କୁ ଶିଖାନ୍ତି ଏବଂ ସେମାନଙ୍କର ପ୍ରଗତିର ମାନ ନିର୍ଦ୍ଧାରଣ କରନ୍ତି ।

## ଶିକ୍ଷଣ କାର୍ଯ୍ୟ - ୨ : ବ୍ୟକ୍ତିଗତ କାର୍ଯ୍ୟ

**ଦଳ ଗଠନ-** ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ୧, ୨ ସଂଖ୍ୟା ଗଣିବାକୁ କହିବେ । ୧ ସଂଖ୍ୟା କହୁଥିବା ଅଂଶଗ୍ରହଣକାରୀଙ୍କୁ ଗୋଟିଏ ଦଳ ଓ ୨ ସଂଖ୍ୟା କହୁଥିବା ଅଂଶଗ୍ରହଣକାରୀଙ୍କୁ ଆଉ ଗୋଟିଏ ଦଳ ଗଠନ କରିବେ । ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଧିକ ଥିଲେ ଅଧିକ ଦଳ ଗଠନ କରିପାରିବେ ।

### ଦଳ-୧

ପ୍ରତ୍ୟେକଙ୍କୁ ଖବରକାଗଜ ଖଣ୍ଡିଏ ଲେଖାଏଁ ଦିଆଯିବ ।

ସୂଚନା- ପ୍ରତ୍ୟେକ ଏହାକୁ ନେଇ ଡଙ୍ଗାଟିଏ ପ୍ରସ୍ତୁତ କରିବେ ।

### ଦଳ-୨

ସାଧନକର୍ମୀ ନିମ୍ନ ସାରଣୀଟିକୁ କଳାପଟାରେ କରିବେ ଓ ଅଂଶଗ୍ରହଣକାରୀଙ୍କୁ ଖାତାରେ କରିନେବାକୁ କହିବେ ।

| ନାମ | କରି ପାରୁଛନ୍ତି (ନିଜେ) | କରିପାରୁନାହାନ୍ତି | ସହାୟତା ନେଇଛନ୍ତି |
|---|---|---|---|
| | | | |
| | | | |
| | | | |
| | | | |

**ଦଳ - ୨ :** ବୁଲି ବୁଲି ପ୍ରଥମ ଦଳର କାମକୁ (ଡଙ୍ଗା ତିଆରି) ତଦାରଖ କରିବେ ଓ ନିଜ ନିଜ ଖାତାରେ କରିଥିବା ସାରଣୀ ପୂରଣ କରିବେ । ଯେଉଁଠି ଠିକ୍ ଭାବୁଛନ୍ତି ତାକୁ ଠିକ୍ (✓) ଚିହ୍ନ ଦେବେ ।

**ଉଦାହରଣ -** ଯଦି କେହି ଅଭିଭାବକ ଡଙ୍ଗା ତିଆରି କରିପାରୁଛନ୍ତି, ତେବେ ତାଙ୍କ ନାମର ଡାହାଣ ଘର ପାଖରେ ଠିକ ଚିହ୍ନ ଦେବେ । ଏହି କାମ ପାଇଁ ୧୦ମିନିଟ ସମୟ ଦେବେ ।

ସାରଣୀ ପୂରଣ କଲାପରେ ପ୍ରଥମ ଦଳ, ଦ୍ୱିତୀୟ ଦଳର କାମ କରିବେ ଏବଂ ଦ୍ୱିତୀୟ ଦଳ, ପ୍ରଥମ ଦଳର କାମ କରିବେ । (ଦଳ ୨ର ପ୍ରତ୍ୟେକଙ୍କୁ ଡଙ୍ଗା ତିଆରି କରିବାପାଇଁ ଖବର କାଗଜ ଦିଆଯିବ) । ସମସ୍ତେ କାମ କରିସାରିଲା ପରେ ଖୋଲା ଆଲୋଚନା ହେବ ।

### ପ୍ରଶ୍ନ :

- ଆମେ କେଉଁ ସବୁ କାର୍ଯ୍ୟ କଲୁ ?
- ଏହି କାମରୁ ଆମେ କ'ଣ ଶିଖିଲେ ?

ପିଲାମାନଙ୍କର ସାମଗ୍ରିକ ବିକାଶ ଆଧାରିତ କାର୍ଯ୍ୟଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ସେମାନେ କେଉଁ ଦକ୍ଷତା ହାସଲ କରିଛନ୍ତି/କରିନାହାନ୍ତି, ସହାୟତା ଆବଶ୍ୟକ କରୁଛନ୍ତି ତାହା ଜାଣି ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା । ଯାହା ଫଳରେ ସେମାନଙ୍କର ସାମଗ୍ରିକ ବିକାଶ ଠିକ ଭାବରେ ହୋଇପାରିବ । ଘରେ ମଧ୍ୟ ଏହିପରି ପିଲାଙ୍କର ବିଭିନ୍ନ କାମକୁ ପର୍ଯ୍ୟବେକ୍ଷଣ କରି ମାନ ନିର୍ଦ୍ଧାରଣ କରିପାରିବା ।

## ବ୍ୟତିକ୍ରମ

ଯଦି ଅଂଶଗ୍ରହଣକାରୀମାନେ ଲେଖା ପଢ଼ା ଶିଖିନାହାନ୍ତି ସେମାନଙ୍କ ପାଇଁ ସାଧନକର୍ମୀ ୨ଟି ଉପାୟ ଅବଲମ୍ବନ କରିବେ, ଯେପରି- ୧- ମିଶ୍ରିତ ଦଳ ଗଠନ (ଯେଉଁ ଅଂଶଗ୍ରହଣକାରୀମାନେ ଶିଖିନାହାନ୍ତି ସେମାନଙ୍କୁ ଲେଖାପଢ଼ା ଶିଖିଥିବା ଅଂଶଗ୍ରହଣକାରୀଙ୍କ ସହ ମିଶାଇ ଦଳ ଗଠନ କରାଇବେ) । ୨- ଅଂଶଗ୍ରହଣକାରୀମାନଙ୍କୁ ୩- ପ୍ରକାର ରଙ୍ଗର ଗୋଡ଼ି ବ୍ୟବହାର କରି ଦିଆଯାଇଥିବା ସାରଣୀଟିକୁ ପୂରଣ କରିବେ । ଯିଏ ପାରୁଛନ୍ତି ତାଙ୍କ ପାଇଁ ଗୋଟିଏ ରଙ୍ଗର ଗୋଡ଼ି, ଯିଏ ପାରୁନାହାନ୍ତି ତାଙ୍କ ପାଇଁ ଅନ୍ୟରଙ୍ଗ ଗୋଡ଼ି ଓ ଯିଏ ସହାୟତା ନେଉଛନ୍ତି ତାଙ୍କ ପାଇଁ ଅନ୍ୟ ରଙ୍ଗର ଗୋଡ଼ି ନେଇ ପାରିବେ (ତିନି ପ୍ରକାରର ପତ୍ର ମଧ୍ୟ ବ୍ୟବହାର କରିପାରନ୍ତି) ।

### ଉଦାହରଣ-

- ପାରୁଥିବା ଅଂଶଗ୍ରହଣକାରୀଙ୍କ ପାଇଁ ନାଲି ଗୋଡ଼ି
- ପାରୁ ନଥିବା ଅଂଶଗ୍ରହଣକାରୀଙ୍କ ପାଇଁ କଳାଗୋଡ଼ି
- ସହାୟତା ନେଉଥିବା ଅଂଶ ଗ୍ରହଣକାରୀଙ୍କ ପାଇଁ ସବୁଜ ଗୋଡ଼ି

ସାଧନକର୍ମୀ ଅଙ୍ଗନୱାଡ଼ିରେ କରାଯାଉଥିବା ମାନ ନିର୍ଦ୍ଧାରଣକାର୍ଯ୍ୟ ବିଷୟରେ ଜଣାଇବେ । ପ୍ରତି ପିଲାର କାର୍ଯ୍ୟକୁ ମାନ ନିର୍ଦ୍ଧାରଣ କରାଯାଏ ଓ ଆବଶ୍ୟକ ସହାୟତା ପ୍ରଦାନ କରାଯାଏ ବୋଲି ସଂକ୍ଷେପଣ କରିବେ ।



## ଚତୁର୍ଥ ଅଧିବେଶନ

# ଅଭିଭାବକଙ୍କ ମତାମତ

ପିତାମାତା ଶିଶୁର ବୃଦ୍ଧି ଓ ବିକାଶ ନିମନ୍ତେ ତା ପାଇଁ ଉପଯୁକ୍ତ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ତ ବ୍ୟବସ୍ଥାକୁ ଚୟନ ତଥା ନିଶ୍ଚିତ କରିଥାନ୍ତି । ଏହା ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ । ଆଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ପରି ଶିକ୍ଷା କ୍ଷେତ୍ରରେ ମଧ୍ୟ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି । ସରକାରଙ୍କ ତରଫରୁ ପ୍ରତି ଗାଁରେ ଆଦ୍ୟ ଶୈଶବ ଶିକ୍ଷା ନିମନ୍ତେ ଶିକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଯାହା ଅଙ୍ଗନୱାଡ଼ି କେନ୍ଦ୍ର ରୂପେ ୩-୬ ବର୍ଷର ଶିଶୁଙ୍କୁ ଉପଯୁକ୍ତ ଶୈକ୍ଷିକ ବାତାବରଣ ଯୋଗାଇ ଆସୁଛି । ଏଠାରେ ଶିଶୁର ସାମଗ୍ରିକ ବିକାଶ ଯଥା- ଶାରୀରିକ, ମାନସିକ, ବୌଦ୍ଧିକ, ସାମାଜିକ ତଥା ସୃଜନାତ୍ମକ ଦିଗର ବିକାଶ ସାଧନ କରିବା ପାଇଁ ବିଭିନ୍ନ କାର୍ଯ୍ୟ କରାଯାଏ, କିନ୍ତୁ ଏହାର ସଫଳ ରୂପାୟନ ନିମନ୍ତେ ପିତାମାତାଙ୍କୁ ସଚେତନ ହେବାକୁ ପଡ଼ିବ । ସେମାନଙ୍କର ସକ୍ରିୟ ସମ୍ପୃକ୍ତି ଓ ସୁଚିନ୍ତିତ ମତାମତ ଏହି କାର୍ଯ୍ୟକ୍ରମରେ ତଥା ଶିଶୁ ବିକାଶରେ ସଫଳତା ଆଣିଦେବ ।

**ପ୍ରତ୍ୟାଶିତ ଫଳାଫଳ :** ଏହି ଅଧିବେଶନରେ ଅଂଶଗ୍ରହଣକାରୀ,

- ପ୍ରଶିକ୍ଷଣ ସମ୍ବନ୍ଧରେ ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିବେ ।
- ଅଙ୍ଗନୱାଡ଼ି କେନ୍ଦ୍ରର କାର୍ଯ୍ୟକୁ ଅଧିକ ଫଳପ୍ରଦ କରିବାପାଇଁ ନିଜସ୍ୱ ମତାମତ ଦେବେ ।

**ପ୍ରଣାଳୀ:**

**କାର୍ଯ୍ୟ-୧ ବ୍ୟକ୍ତିଗତ କାର୍ଯ୍ୟ** ୬୦ ମିନିଟ

ସାଧନକର୍ମୀ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ଗୋଲାକାରରେ ବସାଇବେ ଓ ଏହି ଦୁଇ ଦିନିଆ ପ୍ରଶିକ୍ଷଣରୁ ପାଇଥିବା ଅନୁଭୂତିରୁ ଗୋଟିଏ ଲେଖାଏଁ ବର୍ଣ୍ଣନା କରିବାକୁ କହିବେ ।

**ଆଲୋଚ୍ୟ ପ୍ରଶ୍ନ :**

୧. ଏହି ପ୍ରଶିକ୍ଷଣ ଆପଣଙ୍କୁ କିପରି ଲାଗିଲା ?

୨. ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ଆପଣ କେଉଁସବୁ ନୂଆ କଥା ଜାଣିଲେ ?

୩. ଅଙ୍ଗନୱାଡ଼ି କର୍ମୀମାନଙ୍କଠାରୁ ଆପଣ ଆଉ କ'ଣ ସବୁ ଆଶା ରଖୁଛନ୍ତି ?

୪. ଅଙ୍ଗନୱାଡ଼ି କେନ୍ଦ୍ରର କାର୍ଯ୍ୟକୁ ଅଧିକ ଫଳପ୍ରଦ କରିବାପାଇଁ ପିତାମାତା ହିସାବରେ ଆପଣମାନେ କ'ଣ କରିବେ ?

**ଉତ୍ତର-** ସାଧନକର୍ମୀ ସମସ୍ତ ଅଂଶ ଗ୍ରହଣକାରୀଙ୍କ ଠାରୁ ସମ୍ପୂର୍ଣ୍ଣ ଅଧିବେଶନର ସାରାଂଶ ଆଦାୟ କରିବା ସହିତ ପିତାମାତା ହିସାବରେ ସେମାନଙ୍କର ଭୂମିକା ଓ ଦାୟିତ୍ୱ ପିଲାମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳ ଓ ଦୃଢ଼ୀଭୂତ କରିବ ତାହା ଜଣାଇବେ ।

**ପିତାମାତାଙ୍କ ଭୂମିକା:**

- ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ କିଛି ଖେଳନା/ସାମଗ୍ରୀ ଯୋଗାଇପାରିବେ ।
- ପିତାମାତା ମାନେ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ବିକାଶ ଆଧାରିତ କାର୍ଯ୍ୟ କରାଇପାରିବେ ।
- ବୈଠକ ଗୁଡ଼ିକରେ ଉପସ୍ଥିତ ରହି ନିଜର ମତାମତ ଦେବେ ।
- ପିଲାମାନଙ୍କର ନିୟମିତ ଉପସ୍ଥାନ ବଢ଼ାଇବାରେ ସାହାଯ୍ୟ କରିବେ ।







ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ
ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

Printed at Textbook Bureau, Bhubaneswar